visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.56 Bhubaneswar Thursday, April 08, 2021 ୨୪ତମ ବର୍ଷ ସଂଖ୍ୟା-୫୬ ଭୁବନେଶ୍ୱର, ଗୁରୁବାର, ଅପ୍ରେଲ ୦୮, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ ଏବଂ ପତ୍ନୀ ଶ୍ରୀମତୀ ହେମଲତା ଖୁଣ୍ଟିଆ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ କରୋନା ଟିକାର ଦ୍ୱିତୀୟ ଡୋଜ ନେଉଛନ୍ତି

## ମାଓବାଦୀ - ଯବାନ ଗୁଳି ବିନିମୟ : ବିପୁଳ ମାଓ ସାମଗ୍ରୀ ଜବତ

କନ୍ଧମାଳ, ୭।୪(ପି.ଏନ): କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ କଳାମପଡ଼ା ଜଙ୍ଗଲରେ ମାଓବାଦୀ ଓ ଯବାନ ମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ଘଟଣାସ୍ଥଳରୁ ବିପୁଳ ମାଓ ସାମଗ୍ରୀ ଜବତ କରିଛି ପୋଲିସ । ସୂଚନା ଅନୁସାରେ, ଗତ ୪ ତାରିଖରେ ସମ୍ପୃକ୍ତ ଅଂଚଳରେ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ସୂଚନା ପାଇ କନ୍ଧମାଳ ଏସପି ଭିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଏସଓଜି ଓ ଡ଼ିଭିଏଫ ଯବାନ ମାନଙ୍କ ମିଳିତ କୁମ୍ବିଂ ଅପରେସନ ଆରମ୍ଭ କରାଯାଇଥିଲା । ୫ ତାରିଖ ସକାଳ ସମୟରେ କୁମ୍ବିଂ ଅପରେସନ ଜାରୀ ରହିଥିବା ବେଳେ ମାଓବାଦୀଙ୍କ ସହିତ ଯବାନ ମାନେ ମୁହାଁମୁହିଁ ହୋଇଥିଲେ । ଯବାନ ମାନଙ୍କୁ ଦେଖି ମାଓବାଦୀ ମାନେ ଅତର୍କିତ ଭାବେ ଗୁଳି ଚଳାଇଥିଲେ । ଯବାନ ମାନେ ନିଜେ ସୁରକ୍ଷିତ ସ୍ଥାନରେ ରହିବା ସହ ମାଓବାଦୀ ମାନଙ୍କୁ ଆତ୍ମସମର୍ପଣ ପାଇଁ ଚେତାବନୀ ଦେବା ସତ୍ତ୍ୱେ ମାଓବାଦୀଙ୍କ ପକ୍ଷରୁ ଗୁଳି ଚାଳନା ଜାରୀ ରହିଥିଲା । ଫଳରେ ଯବାନ ମାନେ ପାଲଟା ଗୁଳିଚାଳନା କରିଥିଲେ। ତେବେ ଘଂଚ ଜଙ୍ଗଲ ଓ ଭୌଗୋଳିକ ସ୍ଥିତିର ଫାଇଦା ଉଠାଇ ମାଓବାଦୀ ମାନେ ସେଠାରୁ ଚମ୍ପଟ୍ ମାରିଥିଲେ । ଘଟଣା ପରେ ଯବାନ ମାନେ ସେଠାରେ ସର୍ଚ୍ଚ ଅପରେସନ ବେଳେ ଦୁଇଟି ସୋଲାର ପ୍ଲେଟ୍, ତାର ଏକ ବଣ୍ଡଲ, ମାଓବାଦୀ ମାନେ ବ୍ୟବହାର କରୁଥିବା ଦୁଇଟି ବ୍ୟାଗ୍ ଅନ୍ୟାନ୍ୟ ମାଓ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି । ୨୦ରୁ ୨୫ ମିନିଟ୍ ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ବେଳେ ଘଟଣାସ୍ଥଳରେ କେକେବିଏନ ଡ଼ିଭିଜନର ମାଓନେତା ବାସୁରୁ ସମେତ ୨୦ରୁ ୨୫ ଜଣ ମାଓବାଦୀଙ୍କ ଉପସ୍ଥିତି ରହିଥିବା ନେଇ ଏସପି ଭିନୀତ ଅଗ୍ରୱାଲ ଆଜି ମଧ୍ୟାହ୍ନରେ ଏସପି ଅଫିସରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଯବାନ ମାନଙ୍କ ମଧ୍ୟରୁ କେହି ମୃତାହତ ହୋଇନଥିବା ବେଳେ ମାଓବାଦୀ ମାନଙ୍କ ମଧ୍ୟରୁ କିଛି ଆହତ ହୋଇଥିବା ଅନୁମାନ କରାଯାଉଛି ବୋଲି ସେ କହିଛନ୍ତି । ସମ୍ପୃକ୍ତ ଅଂଚଳ ସମେତ ଜିଲ୍ଲାର ମାଓ ଗତିବିଧି ରହିଥିବା ବିଭିନ୍ନ ଅଂଚଳରେ କୁମ୍ବିଂ ଅପରେସନ ଜାରୀ ରହିଛି ।

## ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୭।୪(ପି.ଏନ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପିପିଲି ବିଧାନସଭା ଉପ ନିର୍ବାଚନରେ ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ପାଇଁ ପିପିଲିରେ ପ୍ରଚାର କରିବେ । ଆସନ୍ତା ୧୩ ତାରିଖରେ ଧର୍ମେନ୍ଦ୍ର ପ୍ରଚାର ଆରମ୍ଭ କରିବେ । ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଏ ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ତାଙ୍କର ସାଧାରଣ ସଭାରେ ଉଦବୋଧନ ଦେବା ସହ ଶୋଭାଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ବିଜେପିର ଆଉ କିଛି କେନ୍ଦ୍ରୀୟ ନେତା ପିପିଲି ଆସି ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି । ୮ତାରିଖରୁ ପିପିଲି-ଡେଲାଙ୍ଗ ଅଂଚଳରେ ଜୋନାଲ ରାଲି କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଗୋଟିଏ ଦିନରେ ୭୯୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୭।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୭୯୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୪୬୪୭କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୪୪୬୪୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୪୨୫୫ ରହିଛି । ଆଜି ଚିହ୍ନଟ ହୋଇଥିବା ୭୯୧ ଜଣଙ୍କ ମଧ୍ୟରୁ ୪୫୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୩୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୧୪୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬ ଜଣ, ବରଗଡ଼ରୁ ୪୮ ଜଣ, ଭଦ୍ରକରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୪ ଜଣ, ବୌଦ୍ଧରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଟକରୁ ୪୬ ଜଣ, ଦେବଗଡ ଜିଲ୍ଲାରୁ ଜଣେ,ଓ ଢେଙ୍କାନାଳ ଜିଲ୍ଲାରୁ ୩ ଜଣ, ଗଞ୍ଜାମରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୯ ଜଣ, ଯାଜପୁରରୁ ୧୬ ଜଣ, ଝାରସୁଗୁଡ଼ାରୁ ୩୧ ଜଣ, କଳାହାଣ୍ଡିରୁ ୩୮ ଜଣ, କନ୍ଧମାଳ ଜିଲ୍ଲାରୁ ୧ ଜଣ. କେନ୍ଦ୍ରାପଡ଼ାରୁ ୪ ଜଣ, କେନ୍ଦୁଝରରୁ ୩୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୧୧୮ ଜଣ, କୋରାପୁଟରୁ ୯ ଜଣ, ମାଲକାନଗିରି ଜିଲ୍ଲାରୁ ୨, ମୟୂରଭଞ୍ଜରୁ ୨୪ ଜଣ, ନବରଙ୍ଗପୁରରୁ ୨୩ ଜଣ, ନୟାଗଡ଼ରୁ ୭ ଜଣ, ନୂଆପଡ଼ାରୁ ୩୧ ଜଣ, ପୁରୀରୁ ୪୩ ଜଣ, ରାୟଗଡ଼ାରୁ ୧୪ ଜଣ ସଂକ୍ରମିତଚ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୪୫ ଜଣ, ସୋନପୁରରୁ ୭ ଜଣ, ସୁନ୍ଦରଗଡ଼ରୁ ୧୪୫ ଜଣ ଓ ଷ୍ଟେଟ୍ ପୁଲରୁ ୨୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ପିପିଲି ନିର୍ବାଚନ ପାଇଁ ଆସିବେ କେନ୍ଦ୍ରୀୟ ସୁରକ୍ଷା ବଳ

ଭୁବନେଶ୍ୱର, ୭।୪(ପି.ଏନ): ପିପିଲିରେ ଅନୁଷ୍ଠିତ ହେବାକୁ ଯାଉଥିବା ଉପ ନିର୍ବାଚନ ଲାଗି ୩କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ଏବଂ ୧୮ ପ୍ଲାଟୁନ୍ ଓଏସ୍‌ପି ମୁତୟନ କରିବା ପାଇଁ ନିଷ୍ପତି ହୋଇଛି। ଏଡିଜି ଯଶୱନ୍ତ ସିଂ ଜେଠ୍ୱା ଏଥିନେଇ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ଅସାମାଜିକ ବ୍ୟକ୍ତିଙ୍କ ପ୍ରତି ସ୍ପେଶାଲ ଡ୍ରାଇଭ୍ ଏବଂ ବେଆଇନ୍ ଅସ୍ତ୍ରଶସ୍ତ୍ର ଜବତ କରିବା ଏବଂ ୱାରେଂଟି ଡ୍ରାଇଭ୍‌କୁ କଡ଼ାକଡ଼ି କରିବା ପାଇଁ ନିଷ୍ପତି ହୋଇଛି।

### ମର୍ଣ୍ଣିଂ ୱାକ୍ ରୁ ଫେରୁଥିବା ବେଳେ ଅଘଟଣ : ଭୁଜାଲିରେ ହାଣି ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍

କଟକ, ୭।୪(ପି.ଏନ): ପୁଣି ବୁଧବାର ସକାଳେ କଟକରେ ଲୁଟେରାଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି । ଆଜି ସକାଳେ କଟକ ସିଡ଼ିଏ ସେକ୍ଟର ୧୦ ଅଂଚଳର ହରେକୃଷ୍ଣ ପରିଡ଼ା ଓ ତାଙ୍କ ପତ୍ନୀ ମର୍ଣ୍ଣିଂ ୱାକ୍ ରୁ ଫେରୁଥିବା ସମୟରେ ତିନି ଜଣ ଲୁଟେରା ବାଇକ୍ ଯୋଗେ ଆସି ପ୍ରଥମେ ହରେକୃଷ୍ଣଙ୍କୁ ଭୁଜାଲିରେ ହାଣି ରକ୍ତାକ୍ତ କରିଥିଲେ। ଏହାପରେ ହରେକୃଷ୍ଣ ଓ ତାଙ୍କ ପତ୍ନୀ ପିନ୍ଧିଥିବା ଦୁଇଟି ସୁନା ହାର, କାନଫୁଲ ସମେତ ସୁନା ଲକେଟ୍ ଲୁଟି ନେଇ ସେଠାରୁ ଚମ୍ପଟ୍ ମାରିଥିଲେ । ଗୁରୁତର ଅବସ୍ଥାରେ ହରେକୃଷ୍ଣଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇଛି । ଫେଜ୍ -୨ ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି ।

## ନକଲି ପୋଲିସ ବେଶରେ ଡ଼କାୟତି ଉଦ୍ୟମ ମାମଲା : ଆଉ ଦୁଇ ଅଭିଯୁକ୍ତ ଗିରଫ

କନ୍ଧମାଳ, ୭।୪(ପି.ଏନ): ନକଲି ପୋଲିସ ବେଶରେ ଡ଼କାୟତି ଉଦ୍ୟମ ଘଟଣାରେ ବାଲିଗୁଡ଼ା ଥାନା ପୋଲିସ ଆଉ ଦୁଇ ଜଣଙ୍କୁ ଗିରଫ କରିଛି । ଫଳରେ ମାମଲାରେ ଗିରଫଦାରୀ ସଂଖ୍ୟା ୪କୁ ବୃଦ୍ଧି ପାଇଛି । ମାମଲାରେ ଜଡ଼ିତ ଅନ୍ୟ ଜଣେ ଏବେ ସୁଦ୍ଧା ଫେରାର୍ ରହିଛି । ଗତ ମାର୍ଚ୍ଚ ୫ ତାରିଖ ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଡ଼କାୟତି ଉଦ୍ୟମକୁ ପଣ୍ଡ କରିଥିଲା ବାଲିଗୁଡ଼ା ପୋଲିସ । ଘଟଣାରେ ଦୁଇ ଜଣ ନକଲି ପୋଲିସ ଅଫିସରଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୩ ଜଣ ଫେରାର୍ ହୋଇଯାଇଥିଲେ । ଘଟଣା ଦିନ ବାଲିଗୁଡ଼ା ପୋଲିସ ପକ୍ଷରୁ ରାତ୍ରକାଳୀନ ପେଟ୍ରୋଲିଂ ବେଳେ ବାଲିଗୁଡ଼ା ନିକଟସ୍ଥ ଖଡ଼ଗ ନଦୀ ପୋଲ ନିକଟରେ ଏକ ଅନ୍ଧାରୁଆ ସ୍ଥାନରେ କିଛି ସନ୍ଦିଗ୍ଧ ବ୍ୟକ୍ତି ଲୁଚି ରହିଥିବା ପୋଲିସ ଦେଖିବାକୁ ପାଇଥିଲା । ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ କାବୁ କରିବାରେ ପୋଲିସ ସଫଳ ହୋଇଥିଲା । ଗିରଫ ଦୁଇଜଣ ପୋଲିସ ଏସଆଇ ବେଶରେ ସ୍ଥାନୀୟ କିଛି ଦୁର୍ବୃତଙ୍କ ସହିତ ମିଶି ସେହି ରାସ୍ତା ଦେଇ ଯାଉଥିବା ଗାଡି ଓ ଲୋକ ମାନଙ୍କ ଠାରୁ ଲୁଟ୍ ନେଇ ଷଡ଼ଯନ୍ତ୍ର କରୁଥିଲେ । ସେମାନଙ୍କ ନିକଟରୁ ଏକ ମାରୁତି ସ୍ୱିଫ୍ଟ କାର୍, ଏକ ଲୁହାରଡ଼, ଦୁଇଟି ପୋଲିସ ଲାଠି, ଦୁଇ ହଳ ପୋଲିସ ପୋଷାକ, ଏକ ଖେଳଣା ପିସ୍ତଲ ଓ ୭ଟି ପୋଲିସ ଟୋପି ସହିତ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିଲା ପୋଲିସ। ଗିରଫ ଦୁଇ ଜଣ କଟକ ଜିଲ୍ଲା ଚଣ୍ଡିଛକ ଓ କନିକା ଛକ ଅଂଚଳର ଥିଲେ । ଇତିମଧ୍ୟରେ ଘଟଣାର ଏକ ମାସ ପରେ ମାମଲାରେ ସମ୍ପୃକ୍ତ ଅନ୍ୟ ଦୁଇ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ । ସେମାନେ ହେଲେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଟେମାଙ୍ଗି ଓ ସିନ୍ଦ୍ରିଗାଁ ଅଂଚଳର ସିଦ୍ଧାନ୍ତ ମଲ୍ଲିକ ଓ ସୁଦର୍ଶନ ବିନ୍ଧାଣି ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି ।

## କରୋନାକୁ ନେଇ ସଜାଗ ହେବାକୁ ପଡିବ : ସିବିକେ ମହାନ୍ତି

ଭୁବନେଶ୍ୱର, ୭।୪(ପି.ଏନ): କରୋନାକୁ ନେଇ ରାଜ୍ୟବାସୀଙ୍କୁ ସଜାଗ ହେବାକୁ ପଡିବ ବୋଲି କହିଛନ୍ତି ଡିଏମଇଟି ସିବିକେ ମହାନ୍ତି । ସେ କହିଛନ୍ତି ଯେ ନାଇଟ କର୍ଫ୍ୟୁ ସଂକ୍ରମଣ ରୋକିବାର ଏକ ମାଧ୍ୟମ । ରାତିରେ କ୍ଲବ ଓ ପାର୍ଟି ରେ ଯେଉଁ ଗହଳି ହୋଇଥାଏ ତାକୁ ରୋକିବା ପାଇଁ ନାଇଟ କର୍ଫ୍ୟୁର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ବର୍ତମାନ ଭାଇରସ ପୂର୍ବ ଅପେକ୍ଷା ଅଧିକ ସଂକ୍ରମିତ କରୁଛି । କିନ୍ତୁ ରୋଗୀଙ୍କ ପାଇଁ ହସ୍ପିଟାଲର ଆବଶ୍ୟକ କମ ପଡୁଛି । ଆଇସିୟୁ, ବେଡ଼, ଭେଂଟିଲେଟର ବିଶେଷ ଆବଶ୍ୟକତା ରହୁନି । ଛତିଶଗଡ଼ ସୀମା ବର୍ତି ଜିଲ୍ଲାର ଲୋକମାନେ ଯାତାୟାତ ଅଧିକ କରୁଥିବାରୁ ସଂକ୍ରମିତଙ୍କ ସଂଖ୍ୟା ଅଧିକ ବଢୁଛି । ତେଣୁ ସମସ୍ତଙ୍କୁ ସଜାଗ ରହିବାକୁ ପଡ଼ିବ । ଯାହା ନିର୍ଦ୍ଦେଶ ଦେଉଛନ୍ତି ତାକୁ ଆମକୁ ମାନିବାକୁ ପଡିବ ବୋଲି ସେ କହିଛନ୍ତି ।

## ଆଜି ରାଜ୍ୟରେ ୨୪୬ କରୋନା ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର, ୭।୪(ପି.ଏନ): ଆଜି ରାଜ୍ୟରେ ୨୪୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାସହିତ ରାଜ୍ୟରେ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୩,୩୮,୬୬୨ରେ ପହଂଚିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ନୂଆପଡ଼ା ଜିଲ୍ଲାରୁ ସର୍ବାଧିକ ୭୪ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ଖୋର୍ଦ୍ଧାରୁ ୩୫, ବରଗଡ଼ରୁ ୨୨, କଟକରୁ ୧୫, ଗଞ୍ଜାମରୁ ୧୦, ବଲାଙ୍ଗୀରରୁ ୯, ପୁରୀରୁ ୯, ସୁନ୍ଦରଗଡ଼ରୁ ୯, ବାଲେଶ୍ୱରରୁ ୮, କଳାହାଣ୍ଡିରୁ ୮, ନବରଙ୍ଗପୁରରୁ ୬, ମୟୂରଭଞ୍ଜରୁ ୫, ସମ୍ବଲପୁରରୁ ୫, ଯାଜପୁର ଏବଂ କେନ୍ଦୁଝରରୁ ୪ ଲେଖାଏଁ, ଅନଗୁଳ, ଝାରସୁଗୁଡ଼ା ଓ କେନ୍ଦ୍ରାପଡ଼ରୁ ୩ ଲେଖାଏଁ, ଜଗତସିଂହପୁର ଓ କନ୍ଧମାଳରୁ ୨ ଲେଖାଏଁ, କୋରାପୁଟ, ରାୟଗଡ଼ା ଏବଂ ସୋନପୁରରୁ ୧ ଲେଖାଏଁ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## କରତ କଳ ଉପରେ ଚଢଉ:ଲକ୍ଷାଧିକ ମୂଲ୍ୟର ଯନ୍ତ୍ରାଂଶ ଓ କାଠ ଜବତ

ଭଦ୍ରକ, ୭।୪(ପି.ଏନ): ଧାମନଗର ଖାନକା ନିକଟରେ ଥିବା ଏକ କରତ କଳ ଉପରେ ଆଜି ଭିଜିଲାନ୍ସ ଓ ବନ ବିଭାଗର ପକ୍ଷରୁ ଚଢଉ କରାଯାଇ ଲକ୍ଷାଧିକ ମୂଲ୍ୟର ଯନ୍ତ୍ରାଂଶ ଓ କାଠ ଜବତ କରାଯାଇଛି । ଧାମନଗର ଅଂଚଳରେ କରତ କଳ ବନ୍ଦ ଥିବା ବେଳେ ଉକ୍ତ କରତ କଳ ଲୁଚିଛପି ଚଳାଇ ଆସୁଥିବା ଭିଜିଲାନ୍ସ ବିଭାଗ ନିକଟରେ ଖବର ଥିଲା । ଆଜି ସକାଳେ ସେଠାରେ କଟକ ଓ ବାଲେଶ୍ୱରର ଭିଜିଲାନ୍ସ ଟିମ ସହିତ ଭଦ୍ରକ ବନଖଣ୍ଡ ଅଧିକାରୀମାନେ ପହଂଚି ଚଢଉ କରିଥିଲେ । ତେବେ କରତ କଳରେ ବ୍ୟବହୃତ ଯନ୍ତ୍ରାଂଶ ଓ ସେଠାରେ ମହଜୁତ ଥିବା କାଠକୁ ଜବତ କରାଯାଇଛି । ଏହି ଚଢଉରେ ଡିଇଏଫ ରଜନୀକାନ୍ତ ମହାନ୍ତି, ଏସିଏଫ ସାଧନା ବେହେରା, ଭଦ୍ରକ ରେଞ୍ଜ ଅଫିସର ରଣଜିତ ମହାନ୍ତି ଓ ଧାମନଗର ରେଞ୍ଜ ଅଫିସର କୁଶଚରଣ ସିଂହଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada











## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ

ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ,



ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

# ୨୮ ବର୍ଷ ପରେ ସନ୍ତାନ

ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାଡ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ



କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଭ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ

ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ



କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଉ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ହିନ୍ଦୁଙ୍କ ଆସ୍ଥା ଉପରେ ଆକ୍ରମଣ: ନୂଆ ପାକିସ୍ତାନର ନୂଆ ଚାଲ

ମାର୍ଚ୍ଚ ୨୮ ତାରିଖ ଦିନ ଦିନ ସଂଧ୍ୟା ସାତଟା ବେଳେ ପାକିସ୍ତାନ ରାୱଲପିଣ୍ଡି ସହରର ପୁରାନା କିଲା ଅଂଚଳରେ ଥିବା ଏକ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ମନ୍ଦିର ଉପରେ ଆକ୍ରମଣ ହୋଇଛି । ୧୦ରୁ ୧୫ ଜଣ ଆକ୍ରମଣକାରୀ ମନ୍ଦିର ମୁଖ୍ୟ ଫାଟକ ଏବଂ ଉପର ମହଲା ସହିତ ମନ୍ଦିରର ଅନେକ ହିସ୍ସାକୁ ଭାଙ୍ଗିରୁଜ୍ଜା କରିଛନ୍ତି । 'ଡନ୍' ଖବରକାଗଜ ଅନୁଯାୟୀ, ଇଭାକ୍ୟୁ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ- Evacuee Trust Property Board (ଇଟିପିବି) ଉତ୍ତର ଜୋନ୍ ସୁରକ୍ଷା ଅଧିକାରୀ ସୟଦ ରଜା ଅବାସ ଜାଇଦୀ ରାୱଲପିଣ୍ଡିର ବାନି ପୋଲିସ ଷ୍ଟେସନରେ ଅଭିଯୋଗ କରି କହିଛନ୍ତି ଯେ, ମନ୍ଦିର ପୁନରୁଦ୍ଧାର କାମ ଚାଲିଥିବା ବେଳେ ଏହି ଆକ୍ରମଣ ହୋଇଛି । ମୁସଲିମ ସଂଖ୍ୟାଗରିଷ୍ଠ ଦେଶ ଭାବରେ ପାକିସ୍ତାନ ସାରା ବିଶ୍ୱରେ ଜଣାଶୁଣା । ଏହି ଦେଶରେ ହିନ୍ଦୁମାନଙ୍କ ଅବସ୍ଥା ଅତି ଶୋଚନୀୟ । ବର୍ତ୍ତମାନ ଏଠାରେ ହିନ୍ଦୁ ମାନଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୧.୬ ପ୍ରତିଶତ । ଭାରତରେ ସଂଖ୍ୟାଲଘୁମାନଙ୍କ ପାଇଁ ସଂରକ୍ଷଣ ସହିତ ଅନେକ କିଛି ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିବା ବେଳେ ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପ୍ରତି ଧ୍ୟାନ ଦିଆଯାଉ ନାହିଁ । ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ସହିତ ସେମାନଙ୍କୁ ଧର୍ମାନ୍ତରୀତ କରାଯାଉଛି । ସେମାନଙ୍କର ଝିଅ ବୋହୁମାନଙ୍କୁ ଅପହରଣ କରି ନିଆଯାଉଛି । ମଠ, ମନ୍ଦିର ଓ ପବିତ୍ର ପୀଠମାନଙ୍କ ଉପରେ ଆକ୍ରମଣ ହେଉଛି ଏବଂ ସେଗୁଡ଼ିକୁ ଭାଙ୍ଗି ଦିଆଯାଉଛି । ଏ ବିଷୟରେ ହିନ୍ଦୁମାନେ ଅଭିଯୋଗ କଲେ ମଧ୍ୟ କେହି ଶୁଣନ୍ତି ନାହିଁ କି ଶୁଣିବାକୁ କେହି ଲୋକ ନାହାନ୍ତି । ମାନବାଧିକାର ସଂଗଠନ କହିଛି ଯେ, ଏଥିପାଇଁ ଅନେକ ହିନ୍ଦୁ ପାକିସ୍ତାନ ଛାଡି ଚାଲି ଯାଉଛନ୍ତି । ଯେଉଁମାନେ ରହି ଯାଉଛନ୍ତି, ସେମାନଙ୍କର ଧର୍ମ ସ୍ଥଳୀକୁ ନଷ୍ଟ କରି ଦିଆଯାଉଛି । ଲ୍ୟାଣ୍ଡ ଜିହାଦ ବୃଦ୍ଧି ପାଉଛି । ଜମି ମାଫିଆମାନେ ହିନ୍ଦୁମାନଙ୍କ ଜମିକୁ ଜବର ଦଖଲ କରି ନେଉଛନ୍ତି । ସିନ୍ଧର ଲ୍ୟାଣ୍ଡ ଜିହାଦୀମାନେ ମିଥ୍ୟା 'ପାୱାର ଅଫ୍ ଆଟର୍ଣ୍ଣି'କରି ସେମାନଙ୍କର ଜମି ଅଧିକାର କରି ନେଉଛନ୍ତି । ଏକ୍ସପ୍ରେସ ଟ୍ରିବ୍ୟୁନ (The Express Tribune) ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ୨୦୧୪ ସୁଦ୍ଧା ୯୫ ପ୍ରତିଶତ ହିନ୍ଦୁ ମନ୍ଦିରକୁ ଧ୍ୱଂସ କରି ଦିଆଯାଇଛି । ତଥ୍ୟ ଅନୁଯାୟୀ ୧୯୯୦ ପରଠାରୁ ସଂଖ୍ୟାଲଘୁ ସମ୍ପ୍ରଦାୟର ୪୨୮ଟି ଧର୍ମପୀଠ ମଧ୍ୟରୁ ୪୦୮ଟି ଭାଙ୍ଗି ଦିଆଯାଇଛି । ତା' ଉପରେ ସମାଧି, ଶୌଚାଳୟ, ଦୋକାନ, ରେଷ୍ଟୁରାଂଟ, ସରକାରୀ ଅଫିସ ଓ ବିଦ୍ୟାଳୟ ଗଢି ଉଠିଛି । ସେଠାରେ କେବଳ ୨୦ଟି ଧର୍ମପୀଠ ଅଛି ଯେଉଁଠାରେ ପୂଜା ପାଠ କରାଯାଉଛି । ଅନେକ କେତେକ ମନ୍ଦିର ଅଛି ସେଠାକୁ ଯିବା ପାଇଁ ବାଟ ବନ୍ଦ କରି ଦିଆଯାଇଛି । ଯାହାଫଳରେ ସେଠାକୁ କେହି ପୂଜା ପାଠ କରିବା ପାଇଁ ଯାଇ ପାରିବେ ନାହିଁ । ଏକ୍ସପ୍ରେସ ଟ୍ରିବ୍ୟୁନର ଏକ ରିପୋର୍ଟ ଅନୁଯାୟୀ,ଡେରା ଇସମାଇଲ ଖାନରେ ଥିବା କାଳୀ ବରୀ ହିନ୍ଦୁ ମନ୍ଦିରକୁ ଜଣେ ମୁସଲମାନଙ୍କୁ ଭଡା ଦିଆଯାଇଛି । ସେମାନେ ସେହି ମନ୍ଦିରକୁ ତାଜମହଲ ହୋଟଲ ଭାବରେ ବ୍ୟବହାର କରୁଛନ୍ତି ।

ପାକିସ୍ତାନର କରାଚିରେ ଥିବା ୧୦୦୦ ବର୍ଷର ପୁରାତନ ବରୁଣ ମନ୍ଦିର ଶୌଚାଳୟ ଭାବରେ ବ୍ୟବହୃତ । ଏହି ମନ୍ଦିର ପାକିସ୍ତାନ ପାଇଁ ଏକ ଐତିହାସିକ ପୀଠ ହେବା କଥା । କିନ୍ତୁ ଏହା ହେଲା ନାହିଁ । ୨୦୦୮ରେ ଡେଲି ଟାଇମ୍ସ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ମନ୍ଦିରର ଏକ ଅଂଶ ଶୌଚାଳୟ ଭାବେ ବ୍ୟବହୃତ ହେଉଛି । ଏଠାରେ ୧୯୫୦ ମସିହାରେ ହିନ୍ଦୁମାନେ ଲାଲ ସାଇ ବରୁଣ ଦେବଙ୍କ ଶେଷ ପର୍ବ ପାଳନ କରିଥିଲେ । ଯେତେବେଳେ ଏ ଖବର ସାରା ବିଶ୍ୱରେ ପ୍ରଚାରିତ ହେଲା ସେତେବେଳେ ମନ୍ଦିରର ପୁନରୁଦ୍ଧାର ଖବର ସାମ୍ନାକୁ ଆସିଲା । ସେହିପରି ପାକିସ୍ତାନ ଖାଇବର ପାଖତୁନଖ୍ୱା କରକର ଜିଲ୍ଲାର ଏକ ଛୋଟ ଗାଁ ଟେରିରେ କୃଷ୍ଣ ମନ୍ଦିର ଥିଲା । ଏହାର ଚତୁଃପାର୍ଶ୍ୱରେ ଘରଗୁଡ଼ିକ କରି ଦିଆଯାଇଥିଲା । ମନ୍ଦିରର ପ୍ରବେଶ ପଥକୁ ମଧ୍ୟ ବନ୍ଦ କରି ଦିଆଯାଇଥିଲା । ଏବେ ଏହି ମନ୍ଦିରର ପୁନରୁଦ୍ଧାର ପାଇଁ ଜୋର ସୋର ଆନ୍ଦୋଳନ ଚାଲିଛି । ଏହିପରି ଅନେକ ଘଟଣା ଅଛି । ପାକିସ୍ତାନ ହିନ୍ଦୁ ପରିଷଦ ଅନୁଯାୟୀ, ପାକିସ୍ତାନରେ ସଂଖ୍ୟାଲଘୁମାନଙ୍କର ୧୪୦୦ରୁ ଅଧିକ ପବିତ୍ର ସ୍ଥାନ ବା ଧର୍ମପୀଠ ଅଛି ଯାହାର ଚିହ୍ନବର୍ଣ୍ଣ ନାହିଁ । ସେହି ପବିତ୍ର ପୀଠଗୁଡ଼ିକ ଉପରେ ଦୋକାନ, ଗୋଡାଉନ ଆଦି ତିଆରି ହୋଇଛି । କିଛି ବର୍ଷ ପୂର୍ବେ କରାଚିର ଜଣେ ସାମ୍ବାଦିକ ତଥା ଲେଖକ ରେମା ଅବାସି (Reema Abbasi) ତାଙ୍କର ପୁସ୍ତକ 'ପାକିସ୍ତାନରେ ଐତିହାସିକ ମନ୍ଦିର-ଏ କଲ୍ ଟୁ କନ୍‌ସାଇନ୍ସ' (Historic Temples in Pakistan: A Call to Conscience)ରେ ପାକିସ୍ତାନରେ ଥିବା ମନ୍ଦିରଗୁଡ଼ିକର ସୁନ୍ଦର ସୁନ୍ଦର ଫଟୋଗୁଡ଼ିକ ପ୍ରକାଶିତ କରିଛନ୍ତି । ଏବେ ସେହି ବହିରେ ଥିବା ମନ୍ଦିରଗୁଡ଼ିକ ପାକିସ୍ତାନରେ ଦେଖିବାକୁ ମିଳୁନାହିଁ । ଖନନ ଦ୍ୱାରା ମିଳୁଥିବା ହିନ୍ଦୁ ମୂର୍ତ୍ତି ଏବଂ କଳାକୃତିକୁ ପାକିସ୍ତାନ ଗ୍ରହଣ କରିବାକୁ ନାରାଜ । ଦେଶର ସରକାର ଅଣ-ଇସଲାମିକ ଐତିହ୍ୟକୁ ଗ୍ରହଣ କରିବାକୁ ସର୍ବଦା ପଛଘୁଂଚା ଦେଉଛି । ଭାରତ ବିଭାଜନ ପରେ ପାକିସ୍ତାନରେ ଶହ ଶହ ମନ୍ଦିର ହଠାତ ବିନା ଶବ୍ଦରେ ଅଦୃଶ୍ୟ ହୋଇଗଲେ । ସେ ସ୍ଥାନରେ ଅନେକ ମସଜିଦ, ଦୋକାନ ଏବଂ ଅନ୍ୟାନ୍ୟ ଅଟ୍ଟାଳିକାଗୁଡ଼ିକ ଗଢି ଉଠିଲା । ଅତୀତକୁ ଲିଭାଇବାକୁ ଏଠାରେ ପ୍ରୟାସଗୁଡ଼ିକ ସ୍ପଷ୍ଟ ହୋଇଛି । ପାକିସ୍ତାନରେ ସଂଖ୍ୟାଲଘୁମାନଙ୍କ ଧର୍ମପୀଠଗୁଡ଼ିକୁ ଭାଙ୍ଗିବା ଏବଂ ତା' ଉପରେ ନୂଆ ଢାଂଚା ତିଆରି କରିବା କିଛି ନୂଆ କଥା ନୁହେଁ । ପ୍ରତିମାସରେ ଗଣମାଧ୍ୟମରେ ପ୍ରକାଶ ପାଉଛି ପାକିସ୍ତାନରେ ମନ୍ଦିର ଭଙ୍ଗା ଯାଇ ମସଜିଦ୍ ନିର୍ମାଣ ଚାଲିଛି । ପଡୋଶୀ ଦେଶ ସହିତ ଶାନ୍ତି ବିଷୟରେ କଥା ହେବା କିନ୍ତୁ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରିବା । ଏହା ହେଉଛି ଇମ୍ରାନ୍ ଖାନଙ୍କ ନୂଆ ପାକିସ୍ତାନର ନୂଆ ଚାଲ। ବିଶେଷ କରି ମନ୍ଦିର ଉପରେ ଆକ୍ରମଣ କରିବା ପାକିସ୍ତାନରେ ଏକ ପ୍ରକାର ଧାରା ହୋଇ ସାରିଛି । ବିଶ୍ୱ ଦରବାରରେ ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର ହେଉଛି ବୋଲି କହି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରୁଥିବା ଇମ୍ରାନ୍ ଖାନଙ୍କ ନୂଆ ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ, ଅତ୍ୟାଚାର ଓ ମନ୍ଦିର ଭଙ୍ଗା ଘଟଣା ବିଶ୍ୱରେ ପାକିସ୍ତାନର ଭାବମୂର୍ତ୍ତିକୁ ନଷ୍ଟ କରିଦେଇଛି ।

**ଗୋଲଖ ଚନ୍ଦ୍ର ଦାସ,**
**ଘିଗିଡିଆ, ବାରୁଅ,କେନ୍ଦ୍ରାପଡା ।**
**ମୋ-୯୮୬୧୦୨୮୫୫୩**

# ପାଣି ପାଇଁ ଛଟପଟ ୫୦ ପରିବାର, ପାନୀୟ ଜଳ ପ୍ରକଳ୍ପ ଅଚଳ



ଆନନ୍ଦପୁର (ପିଏନ୍): ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାପାଇଁ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ଗାଁରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଛି । ବିଭିନ୍ନ ସ୍ଥାନରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ କରାଯାଇ ଜଳ ଯୋଗାଣ କରାଯାଉଛି । ହେଲେ ଗ୍ରୀଷ୍ମ ଆରମ୍ଭରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇଯାଇ ଥିବାରୁ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ପଦନପୁର ଗ୍ରାମର ୫୦ ପରିବାର ମାସେ ହେଲା ପାଣି ପାଇଁ ଡହଳ ବିକଳ ହେଉଛନ୍ତି । ପଦନପୁର ଗ୍ରାମବାସୀଙ୍କୁ ଜଳ ଯୋଗାଣ ପାଇଁ ଏକ ସୋଲାର ଚାଳିତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ଓଭରହେଡ୍ ଟାଙ୍କି ବସାଯିବା ସହ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଥିଲା । କିନ୍ତୁ ଆଜକୁ ମାସେ ହେଲା ପ୍ରକଳ୍ପ ଅଚଳ ହୋଇ ପଡିଥିବାରୁ ଗ୍ରାମର ୫୦ ପରିବାର ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ବାଧ୍ୟ ହୋଇ ଲୋକମାନେ କୂଅ ଏବଂ ପୋଖରୀ ପାଣିକୁ ବ୍ୟବହାର କରୁଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପ୍ରକଳ୍ପ ମରାମତି କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ବିଷାକ୍ତ ବିଚାରଧାରା

**ମୂଳଲେଖା-ଡା. ରାଜିବ ମିଶ୍ର, ଅନୁବାଦ-ଇଂ. ବିଦ୍ୟାଧର ପଣ୍ଡା**



ମାନନୀୟା ରଶ୍ମିରେଖା ମହାରଣାଙ୍କ ସୁଦୟାରୁ ମୋତେ କିଛି ଦିନ ତଳେ ଗୋଟିଏ ଅଦ୍ଭୁତ ପୁସ୍ତକର ସଂସ୍ପର୍ଶରେ ଆସିବାର ସୁଯୋଗ ମିଳିଲା। ମୂଳ ପୁସ୍ତକଟି ହିନ୍ଦୀଭାଷାରେ ଏବଂ ଏହାର ଲେଖକ ଡା. ରାଜିବ ମିଶ୍ର, ଏବେ ବିଦେଶରେ ରହୁଛନ୍ତି। ବହିର ନାଁ 'ବିଷାକ୍ତ ବାମପନ୍ଥ' ଏବଂ ଏହାର ଦ୍ୱିତୀୟ ସଂସ୍କରଣ ବହୁତ ଶୀଘ୍ର ବଜାରକୁ ଆସିପାରେ। ମୋର ସୌଭାଗ୍ୟ ଯେ ରାଜିବଭାଇ ମୋ ପାଖକୁ ତାଙ୍କର ପାଣ୍ଡୁଲିପିର ଏକକୀତା ନକଲ ପଠାଇଛନ୍ତି। ପ୍ରଥମ ସଂସ୍କରଣଟି ମୋ ମତରେ ସାମ୍ପ୍ରତିକ ପରିସ୍ଥିତି ପାଇଁ ଏକ ଅମୂଲ୍ୟ ରତ୍ନ। ପୁସ୍ତକଟିକୁ ଅଧ୍ୟୟନ ପରେ କାହାର ବି ବିଚାରଧାରାରେ ଆମୂଳଚୂଳ ପରିବର୍ତ୍ତନ ଆସିବା ସ୍ୱାଭାବିକ୍। ତେଣୁ ତୁରନ୍ତ ବଡଭାଇ ଡା. ରାଜିବ ମିଶ୍ରଙ୍କର ଅନୁମତି ଭିକ୍ଷା କରି ଏହାର ଅନୁବାଦ କର୍ମରେ ଏବେ ନିଜକୁ ଲିପ୍ତ କରିବାର ସୌଭାଗ୍ୟ ଅର୍ଜନ କରିଛି। ଏହି ଯାତ୍ରାରେ ମାନନୀୟା ରଶ୍ମିରେଖା ମହାରଣା ଭଉଣୀଙ୍କର ପ୍ରୋତ୍ସାହନ ମିଳୁଥିବାରୁ, ତାଙ୍କୁ ଅନେକ ଅନେକ ଧନ୍ୟବାଦ। ଆଜିର ଏହି ଆଲେଖ୍ୟରେ ମୁଁ କେବଳ ପ୍ରଥମ ସଂସ୍କରଣ ପୁସ୍ତକଟିର ଭୂମିକାଟିକୁ ଅନୁବାଦ କରି ମୋର ଶ୍ରଦ୍ଧେୟ ପାଠକମାନଙ୍କୁ ଭେଟିଦେବାକୁ ପ୍ରୟାସ କରିଛି।

'ଇତିହାସ ପରି ପ୍ରମୁଖ ଜିନିଷକୁ ଇତିହାସକାରଙ୍କ ଭରସାରେ ଛଡାଯାଇ ପାରେନା' ଉକ୍ତିଟିରେ ଅୟଂ ଆରମ୍ଭ ପୁସ୍ତକଟିର ଭୂମିକା ବି ବହୁତ ସୁନ୍ଦର ହୋଇଛି। ଲେଖକ ଆଲୋଚନା ଶୈଳୀରେ ଲେଖିଛନ୍ତି, ''ବାମପନ୍ଥ ଉପରେ ଏକ ପୁସ୍ତକ କାହିଁକି ଲେଖିବା ? ଯାହା ଘଟିଗଲା, ଚାଲି ଗଲା, ସରି ଗଲା, ଆପେଆପେ ଖର୍ଚ୍ଚ ହୋଇଗଲା ତା ଉପରେ ଆଉ ଚିନ୍ତନମନ୍ଥନ କରି ସମୟ ନଷ୍ଟ କରିବା କ'ଣ ନିହାତି ଦରକାର ? ବାମପନ୍ଥ ବିଷୟରେ ଲିଖିତ ପୁସ୍ତକ କାହାର ବା ପସନ୍ଦ ହେବ ! ତା'କୁ ପଢିବ କିଏ ? ଆଜି ବାମପନ୍ଥ ଆଉ ଅଛି କେଉଁଠି ଯେ କିଏ ତାର ଆଦର ସତ୍କାର କରିବାକୁ ଚାହିଁବ ?'' ଋଷିଆରେ ବାମପନ୍ଥ ଥିଲା, ପୂର୍ବ ୟୁରୋପରେ ଥିଲା, କୋରିୟା ଏବଂ କ୍ୟୁବାରେ ବଂଚିଛି, ଚୀନ୍‌ରେ ରଙ୍ଗରୂପ ବଦଳେଇ ପୁଂଜିବାଦ (କ୍ୟାପିଟାଲିଜିମ୍) ସାଙ୍ଗରେ ବଢିବାରେ ଲାଗିଛି, ହେଲେ ଆମର ସେଥିରେ ଯାଏ ଆସେ କେତେ !

ଭାରତରେ ଇଏ ପଶ୍ଚିମବଙ୍ଗରୁ ଉଜୁଡିଗଲା, ତ୍ରିପୁରାରେ ନଷ୍ଟ ହୋଇଗଲା, କାଲି କି ପଅରଦିନ କେରଳରେ ବି ମରିଯିବ, ତେଣୁ ଯା' କଥା କ'ଣ ଆଉ କହିବା ! ଭାରତବାସୀଙ୍କ ପାଇଁ ବୋଧହୁଏ ଏହା ଗ୍ରହଣୀୟ ନୁହେଁ, ସବୁଜାଗାରେ ଯାକୁ ଦୂର୍‌ଦୂର୍ ମାର୍‌ମାର୍ କଲେ। ମଦ ପିଇକି କେଉଁ ନାଳରେ ପଡିଛି, କେଉଁ ବୁଦ୍ଧିଜୀବୀଙ୍କର ବହିଥାକରେ କିମ୍ବା ଅଡୁଆ ଦାଢିରେ ରହି ଯେ ଆମର କ'ଣ କ୍ଷତିକରୁଛି ଯେ ଆମେ ଏହା ବିଷୟରେ ଆଜି ଏମିତି ଏତେ ଗୁରୁତ୍ୱ ଦେଉଛେ ! ଏହି ପରିସ୍ଥିତିରେ ବାମପନ୍ଥ କାହିଁକି ପ୍ରାସଙ୍ଗିକ ! ସତରେ କ'ଣ ବାମପନ୍ଥ ପରାଜୟ ବରଣ କରିସାରିଛି ? କିମ୍ବା ଏହା କେବଳ ରୂପ ବଦଳେଇ ଦେଇଛି ଏବଂ ଏକ ରାଜନୈତିକ ଆନ୍ଦୋଳନ ପରିବର୍ତ୍ତେ ଏକ ସାମାଜିକ ଶକ୍ତି ହିସାବରେ ଆଜି ବି ସତ୍ତା ଭୋଗ କରୁଛି ? କିଶୋରାବସ୍ଥାରେ ପ୍ରାୟ ଲୋକ ବାମପନ୍ଥୀ ରାଜନୀତି ଏବଂ ସେହି ବିଚାରଧାରାର କୌଣସି ନା କୌଣସି କୂଳକୁ ଛୁଇଁଥାନ୍ତି। ପ୍ରତ୍ୟେକ ଯୁବକ ଉଣା ଅଧିକେ ବାମପନ୍ଥୀ ହୋଇଥାନ୍ତି। କିନ୍ତୁ ଅଧିକାଂଶ ସୁସ୍ଥ ମାନସିକତାବାଲା ଲୋକ ଏଥିରୁ ବାହାରକୁ ବାହାରି ପଡି ବଡ ହୋଇଯାଆନ୍ତି। ତଥାପି ବହୁତ ଲୋକ କୌଣସି ନା କୌଣସି ରୂପରେ ବାମପନ୍ଥୀ ବିଚାର ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହୋଇ ସବୁଦିନ ପାଇଁ ରହିଯାନ୍ତି। ସେମାନେ ଏହି ସାମାନ୍ୟ ସାମାଜିକ ବିଚାରବଳ ଦ୍ୱାରା ବାମପନ୍ଥ ସମାଜକୁ ସଂଚାଳିତ କରୁଥାନ୍ତି ଏବଂ ନିଜର ବିଷାକ୍ତ କାର୍ଯ୍ୟକ୍ରମ ଚାଲୁ ରଖିବାକୁ ସମର୍ଥ ହୁଅନ୍ତି।

ନିଜର ଯୁବାବସ୍ଥା ମହାବିଦ୍ୟାଳୟରେ ପଠନ କାଳରେ ମୁଁ ବି ବାମପନ୍ଥୀ ଥିଲି। କିନ୍ତୁ ଧିରେଧିରେ ବୁଦ୍ଧିର ବିକାଶ ହେବାରୁ ଏଥିରୁ ବାହାରି ଆସିଲି ବୋଲି ବଂଚିଗଲି। ହେଲେ ନିଜର ସେହି ବାମପନ୍ଥୀ ମନସ୍ଥିତି ବିଚାରକୁ ମୁଁ ବନ୍ଦ କରି ପାରିଲିନି। ବିଗତ କିଛି ବର୍ଷ ହେଲା ସାମାଜିକ ଗଣମାଧ୍ୟମରେ ଲେଖାଲେଖି କରିବା ଭିତରେ ମୁଁ ମୋ ନିଜର ଅନ୍ତଃକରଣ ଦୃଷ୍ଟି ଏବଂ ମନକୁ ସମୃଦ୍ଧ କରିବାକୁ ଲାଗିଲି, ପରେ ମୋତେ ସବୁକିଛି ସ୍ପଷ୍ଟ ହେବାରେ ଲାଗିଲା। କିନ୍ତୁ ମୁଁ ଯଦି ଏହି ବହିର ଶ୍ରେୟ କେବଳ ନିଜେ ନେବାକୁ ଚେଷ୍ଟା କରିବି ତେବେ ଏହା ମୋ ପକ୍ଷରେ ବୌଦ୍ଧିକ ବେଇମାନୀ ହେବ। ମୋର ଦୃଷ୍ଟିକୁ ଅଧିକ ସ୍ପଷ୍ଟ କରିବାର ଶ୍ରେୟ ଆଦରଣୀୟ ବଡଭାଇ ଶ୍ରୀ ଆନନ୍ଦ ରାଜାଧକ୍ଷ ମହାଶୟଙ୍କୁ ଯାଇପାରେ। ମୋତେ ସର୍ବଦା ତାଙ୍କର ବୌଦ୍ଧିକ ଏବଂ ସୁବିଚାରର ମାର୍ଗଦର୍ଶନର ସୌଭାଗ୍ୟ ମିଳିଛି ଏବଂ ତାଙ୍କ ସହିତ ଘଂଟାଘଂଟା ଧରି ବିଚାରବିମର୍ଷ କଲାପରେ ଯାଇ ମୁଁ ଏହି ପୁସ୍ତକର ବିହନ ବୁଣିବାରେ ସମର୍ଥ ହୋଇଛି। ଯଦି ଏହି ପୁସ୍ତକ ଏକ ବହୁବିଧ ବିଚାରର ଫସଲ ହୋଇଥାଏ ତେବେ ଏହାର ବୁଣିବା ଏବଂ ଖତପାଣି ଦେଇ ବଂଚାଇବାର ଶ୍ରେୟ ଆନନ୍ଦଜୀ ଭାଇଙ୍କୁ ହିଁ ଯିବ। ମୁଁ ତ କେବଳ ହିଡ ଏବଂ ବାଡଟିଏ ଏହା ଚାରିପଟେ ବାନ୍ଧି ଏହାର ଜଗୁଆଳି ପରି କାମ କରିଛି ଏବଂ ଆଜି ଏହି ଫସଲ କାଟିବାକୁ ବସିଛି।

ମହାବିଦ୍ୟାଳୟରେ ପଢିବା ସମୟରେ ମୋତେ ବି ମୋର ବିଚାର ଶକ୍ତିର କ୍ରମବିକାଶ କରିବାକୁ ଅନେକ ସାଥୀ ମିଳିଗଲେ। ସନ୍ଧ୍ୟାର ଲମ୍ବା ଆସରର ଚା'ପିଆ ଖଟିରେ ଏବଂ ତାସପାଲି ପଢିବା ଭିତରେ ଲମ୍ବାଲମ୍ବା ରାଜନୈତିକ ତର୍କବିତର୍କ ମୋତେ ସମ୍ଭାଳିଲା, ବଦଳେଇଲା ଏବଂ ପ୍ରକୃତ କଥା ବୁଝେଇବାରେ ମୋ ବାମପନ୍ଥୀ ମନକୁ ସାହାଯ୍ୟ କଲା। ଯଦି ମୁଁ ସେତେବେଳର ମେଡିକାଲ କଲେଜରେ ଅନେକ ସହପାଠୀଙ୍କୁ ମନେ ନପକାଏ ତେବେ ଅନ୍ୟାୟ ହେବ। ମନିଷ ଖାନ୍ନା, ଧୀରଜ ସୈନୀ, ସୁନୀଲ ରୈନା, ଦିନେଶ ତ୍ରିପାଠୀ, ଅଜୟ ଭାରଦ୍ୱାଜ, ଆପଣମାନଙ୍କୁ କେତେ ସନ୍ଧ୍ୟାରେ ଏ ପୁସ୍ତକର କେତେ ବିଷୟକୁ ନେଇ ହଇରାଣ କରିଛି ଗଣନା କରି ହେବନି। ଜାମସେଦ୍‌ପୁରରେ ଅଭ୍ୟୁଦୟ ଏବଂ ପୂର୍ବସୈନିକ ସେବା ପରିଷଦର ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ମୋର ଏହି ବିଚାରଯାତ୍ରାର ସାକ୍ଷୀ ଅଛନ୍ତି ଏବଂ ତାଙ୍କର ବୈଚାରିକ ସାମାଜିକ ପ୍ରତିବଦ୍ଧତା ସଦାସର୍ବଦା ମୋ ପାଇଁ ପ୍ରେରଣାର ସ୍ରୋତ ରହିଥିବେ। ସେ ନିଜେ ଜମି ଉପରେ ସ୍ଥିର ରହି ମୋତେ ମୁକ୍ତାକାଶରେ ଉଡାଣ ଭରିବା ପାଇଁ ପ୍ରୋତ୍ସାହନ ଦେଉଥିଲେ। ତଥାପି ମୋତେ କେବେ ବି ମୂଳରୁ ଅଲଗା ହେବାକୁ ଦେଇନାହାନ୍ତି। ପ୍ରାୟ ଏ ସମଗ୍ର ପୁସ୍ତକ ଭିନ୍ନଭିନ୍ନ ସମୟରେ ଫେସ୍‌ବୁକ ପୃଷ୍ଠାର ଅଂଶ ହୋଇଛି। ମୋର ଯେଉଁ ହଜାର ହଜାର ସାଙ୍ଗ ସେଠାରେ ମୋର ଏହି କୃତିକୁ ପଢି ଲାଇକ୍ ଏବଂ ସେୟାର କରି ଏପରି ଏକ ପୁସ୍ତକ ଲେଖିବା ପାଇଁ ମୋତେ ପ୍ରୋତ୍ସାହନ ଦେଇଛନ୍ତି, ଏ ପୁସ୍ତକ ମୂଳତଃ ସେହିମାନଙ୍କର ସମ୍ପତ୍ତି।

ପ୍ରତ୍ୟେକ ବିବାହିତ ବ୍ୟକ୍ତିମାନଙ୍କ ପରି ନିଜର ଉପଲବ୍ଧି ପାଇଁ ଯଦି ମୁଁ ମୋର ଧର୍ମପତ୍ନୀଙ୍କୁ ଶ୍ରେୟ ନଦିଏ ତେବେ ମୋର ତାଙ୍କ ସହ ଗୋଟିଏ ଛାତତଳେ ବଂଚିବାର ଉପାୟ ନାହିଁ। ପଲ୍ଲବୀର ଶ୍ରେୟ କେବଳ ତା ଭାଗ ସମୟରୁ କାଟି ମୁଁ ଏ ପୁସ୍ତକ ଲେଖିଛି ଏବଂ ସିଏ ମୋତେ କେବଳ ଲେଖିବା ପାଇଁ ଦେଲା ତାହା ନୁହେଁ, ସେ ମୋର ବିଚାରଯାତ୍ରାର ଏକ ବଡ ସହଭାଗିନୀ ଏବଂ ବିରାଟ ସମ୍ବଳ। ଏହି ବାହାନା ବହୁତ ହେବ କି ପଚିଶ ବର୍ଷ ପୂର୍ବେ ଯେବେ ଆମ ଦୁହିଁଙ୍କର ମିଳନ ହେଲା ସେତେବେଳେ ମୁଁ ବାମପନ୍ଥୀ ଥିଲି। ପରେ ଆମ ଭିତରେ ପ୍ରେମାଳାପ ସହ ଧିରେଧିରେ ମୁଁ ରାଷ୍ଟ୍ରବାଦୀ ହେବାକୁ ଆରମ୍ଭ କଲି, ଏହା କେବଳ ମାତ୍ର ଏକ ସଂଯୋଗ ନୁହେଁ। ଏ ପୁସ୍ତକ ଲେଖାଯିବା ପୂର୍ବରୁ ଏହାର ଅଧିକାଂଶ ଭାଗ ଏକ ବହୁତ ଶିକ୍ଷିତ, ଦକ୍ଷ ଏବଂ ଉତ୍ତମ ବୁଦ୍ଧିସମ୍ପନ୍ନ କିଶୋର ସହ କଥାବାର୍ତ୍ତା ମାଧ୍ୟମରେ ବିକଶିତ ହୋଇଛି। ସିଏ ମୋର ସୁପୁତ୍ର ସିଦ୍ଧାର୍ଥ। ଏ ପୂରା ପୁସ୍ତକ ମୂଳତଃ ସିଦ୍ଧାର୍ଥ ଏବଂ ସେହି ଯୁବାପିଢିଙ୍କ ପାଇଁ ଚିନ୍ତା ଏବଂ ସଂସ୍କାରଗୁଡିକ ଉପରେ ଚାଲିଥିବା ବୈଚାରିକ ପ୍ରତିକାରର ବ୍ୟାକୁଳତା ଉପରେ ଆଧାରିତ। ମୋର ପ୍ରୟାସ ଏହି ପୁସ୍ତକ ସମସ୍ତ ଯୁବପିଢିଙ୍କ ହାତକୁ ପହଁଚୁ, ତାଙ୍କର ବିଚାର ପ୍ରକ୍ରିୟାର ଅଂଶବିଶେଷ ହେଉ ଏବଂ ସେମାନଙ୍କୁ ବାମପନ୍ଥ ବିଷଠାରୁ ବଂଚେଇବାରେ ସହାୟକ ହେଉ। ସେହି ଭବିଷ୍ୟତ ପିଢିକୁ ମୋର ଏହି ପୁସ୍ତକ ସମର୍ପଣ କରୁଛି। **(କ୍ରମଶଃ...)**

**ଇଂ. ବିଦ୍ୟାଧର ପଣ୍ଡା**
ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି,
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୧୯, ମୋ-୯୪୩୯୧୨୮୦୫୦/
୭୯୭୮୦୧୯୦୮୧, bdpanda1@gmail.com

# ଏମ୍.ବି.ବି.ଏସ୍‌ର ଶେଷବର୍ଷରେ ଏଫ୍.ଏମ୍.ଟି ବିଭାଗରେ ସର୍ବାଧିକ ନମ୍ବର ହାସଲ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବରେ ଡଃ ବିଦିଶା ପଣ୍ଡାଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ



ଭୁବନେଶ୍ୱର (ପିଏନ୍): ନିଷ୍ଠା, ଅଧ୍ୟବସାୟ, ଦୃଢ ମନୋବଳ ତଥା ପ୍ରତିକୂଳ ପରିବେଶରେ ନିଜକୁ ଖାପ ଖୁଆଇ ଆଗକୁ ବଢିବାର ଦୃଢ ଇଚ୍ଛାଶକ୍ତି ନିଶ୍ଚିତ ସଫଳତା ଆଣିଦିଏ ଏହା ପ୍ରମାଣିତ କରିଛନ୍ତି ଦୀର୍ଘ ପଚିଶ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଆସୁଥିବା ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘର ବରିଷ୍ଠ ସଭ୍ୟ ତଥା କିଟ୍ ବିଦ୍ୟାଳୟରେ କାର୍ଯ୍ୟରତ ଶ୍ରୀ ବିଶ୍ୱନାଥ ପଣ୍ଡା ତଥା ମନୋରମା ପଣ୍ଡାଙ୍କ ସୁପୁତ୍ରୀ ଡଃ ବିଦିଶା ପଣ୍ଡା। ଏକ ନିମ୍ନମଧ୍ୟବି ପରିବାରର ସମସ୍ତ ପ୍ରତିକୂଳ ପରିବେଶକୁ ପଛରେ ପକାଇ ଡାକ୍ତର ହୋଇ ଜନମାନସର ସେବା କରିବାର ଦୃଢସଂକଳ୍ପକୁ ସଫଳତାର ସହ ପୂରଣ କରିଛନ୍ତି ବିଦିଶା। ୨୦୧୯-୨୦ ଶିକ୍ଷାବର୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କଟକସ୍ଥିତ ଏସ୍.ସି.ବି ମେଡିକାଲ କଲେଜରୁ ଏମ୍.ବି.ବି.ଏସ୍ ଡିଗ୍ରୀ ସଫଳତାର ସହ ଉ ର୍ତ୍ତୀର୍ଣ୍ଣ ହୋଇ ବ ର୍ତ୍ତମାନ ହାଉସ୍ ସର୍ଜନ ଭାବେ କାର୍ଯ୍ୟରତ ବିଦିଶା ଏଫ୍, ଏମ୍. ଟି ବିଭାଗରେ ସର୍ବାଧିକ ନମ୍ବର ହାସଲ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଭାରତର ମହାମହିମ ଉପରାଷ୍ଟ୍ରପତିଙ୍କ ସଦୟ ଉପସ୍ଥିତିରେ ସଦ୍ୟ ସମାହିତ ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବ ର୍ତ୍ତନ ଉତ୍ସବରେ ରାଜ୍ୟର ମାନ୍ୟବର ଉଚ୍ଚ ଶିକ୍ଷାମନ୍ତ୍ରୀ ଡଃ ଅରୁଣ ସାହୁଙ୍କ ଠାରୁ ପଦକ ତଥା ମାନପତ୍ର ଗ୍ରହଣ କରିଛନ୍ତି ବିଦିଶା। ପ୍ରକାଶ ଥାଉକି, ବିଦିଶା ଡି.ଏ.ଭି. ପବ୍ଲିକ୍ ସ୍କୁଲ ଚନ୍ଦ୍ରଶେଖରପୁରରୁ ଦଶମ, କିଟ୍ ଇ ରନ୍ୟାସନାଲ ସ୍କୁଲରୁ ଦ୍ୱାଦଶ ଏବଂ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ସଫଳତାର ସହ ଉ ର୍ତ୍ତୀର୍ଣ୍ଣ ହୋଇ ଏସ୍.ସି.ବି. ମେଡିକାଲ କଲେଜରେ ଡାକ୍ତରୀ ଶିକ୍ଷା ପାଇଁ ସ୍ଥାନ ପାଇ ଆଜି ସଫଳତାର ଶିର୍ଷରେ ପହିଁ ପାରିଛନ୍ତି। ଏଥି ସହ ବିଦିଶା ତାଙ୍କର ସମସ୍ତ ଦୁଃଖ ଓ କଷ୍ଟକୁ ପଛରେ ପକାଇ ନିଜ ଅଧ୍ୟବସାୟ ତଥା ଜନହିତକର କାର୍ଯ୍ୟପାଇଁ ରାଜୀବ୍ ଗାନ୍ଧୀ ସଦ୍‌ଭାବନା ସମ୍ମାନ, ମଦର ଟେରେସା ଶାନ୍ତି ସମ୍ମାନ, ବିବେକାନନ୍ଦ ଆନ୍ତର୍ଜାତୀୟ ସମ୍ମାନ ଇତ୍ୟାଦିରେ ପୁରସ୍କୃତ ହୋଇଛନ୍ତି। ବିଦିଶା ପାଠ ବ୍ୟତିତ ନୃତ୍ୟ, ସଂଗୀତ, କୁଇଜ୍ ଏବଂ ଲେଖା ଲେଖିରେ ମଧ୍ୟ ରୁଚି ରଖିଆସୁଛନ୍ତି। ବିଦିଶାଙ୍କର ଏହି ସଂଘର୍ଷମୟ ଜୀବନ ଯାତ୍ରା ପାଇଁ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ମଧ୍ୟ ସେ ସମ୍ମାନିତ ହୋଇଛନ୍ତି। ବିଦିଶାଙ୍କ ଏହି ସଫଳତାରେ ସଂଘର ସଭାପତି ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକ, ଅନ୍ୟାନ୍ୟ ସଭ୍ୟବୃନ୍ଦଙ୍କ ସହ ଅ ଳର ବୁଦ୍ଧିଜୀବି ତଥା ଜନସାଧାରଣ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ କୋଟି କୋଟି ଟଙ୍କା ହେରଫେର: ଭିଜିଲାନ୍ସ ତଦନ୍ତ ଦାବୀ କଲେ ସଦର ବିଧାୟକ

କେନ୍ଦୁଝର (ପିଏନ୍): ବାଂଶପାଳ ବ୍ଲକ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ କୋ-ଅପରେଟିଭ ସୋସାଇଟିରେ ନିୟମ ବହିର୍ଭୂତ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସଦର ବିଧାୟକ ତଥା ବିରୋଧିଦଳ ମୁଖ୍ୟ ସଚେତକ ମୋହନଚରଣ ମାଝୀ ଅଭିଯୋଗ କରିଛନ୍ତି। ଲୋଡିଂ ଏବଂ ଅନଲୋଡିଂ ପାଇଁ ଆସୁଥିବା ଅର୍ଥ ବେନିୟମ ଭାବେ ଖର୍ଚ୍ଚ ହେଉଥିବାବେଳେ ପ୍ରଶାସନିକ ଅଧିକାରୀ ଏଥିରେ ସହାୟତା କରୁଛନ୍ତି। ସମବାୟ ବିଭାଗ ଦ୍ୱାରା ପଂଜିକୃତ ହୋଇଥିବା ଏହି ସୋସାଇଟିରେ ମାସିକ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଗତ କିଛିଦିନ ତଳେ ୨ଜଣ ସଦସ୍ୟଙ୍କୁ ପ୍ରୋକଲେନ ଗାଡି କିଣିବା ୧୬ ଲକ୍ଷ ଟଙ୍କା ଦିଆଯାଇଛି। ଯାହାକି ସଂପୂର୍ଣ୍ଣ ବେଆଇନ। ଗାଡି କିଣିବା ପାଇଁ ସୋସାଇଟି ଅର୍ଥ ଦେବାର ନିୟମ ନଥିବାବେଳେ କିଭଳି ଅର୍ଥ ଦିଆଗଲା ତାହା ତଦନ୍ତ କରାଯିବାକୁ ଦାବୀ କରିଛନ୍ତି। ସୋସାଇଟି ଭାଙ୍ଗିଯିବା ପରେ ସମବାୟ ବିଭାଗ ପକ୍ଷରୁ ଗତ ୫ ମାସ ହେବ ଜଣେ ଆଡମିନିଷ୍ଟ୍ରେଟର ଭାବେ ବସନ୍ତ କୁମାର ନାଏକଙ୍କୁ ନିଯୁକ୍ତି ଦିଆଯାଇଛି। ମାତ୍ର ଏହି ଅଧିକାରୀ କୋଟି କୋଟି ଟଙ୍କା ବେନିୟମ ଖର୍ଚ୍ଚ ହେଉଥିଲେ ହେଁ ଏଥିପ୍ରତି ଆଖିବୁଜି ଦେଇଛନ୍ତି। ଏହି ଅଧିକାରୀଙ୍କ ତଦାରଖରେ ସୋସାଇଟିର ବାଇ-ଲୋ ଅନୁସାରେ ଟଙ୍କା ଖର୍ଚ୍ଚ ହେବା କଥା। ମାତ୍ର ତାହା ନକରାଯାଇ ମନଇଚ୍ଛା ଖର୍ଚ୍ଚ କରାଯାଉଥିବା ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି। ଏପରିକି ସେଲଫ ଚେକ୍ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଉଠାଣ ହେଉଛି। ଶୁଆକାଟୀସ୍ଥିତ ପାଟେଶ୍ୱର ଯୁକ୍ତ ଦୁଇ କଲେଜର ଜଣେ କିରାଣୀ ବସନ୍ତ କୁମାର ପ୍ରଧାନ ମଧ୍ୟ ଶୁଆକାଟୀ ଲୋଡିଂ ଏଜେନ୍ସିରେ କ୍ୟାସିୟର ଭାବେ କାମ କରୁଛନ୍ତି। ଜଣେ ସରକାରୀ କର୍ମଚାରୀ ୨ଟି ସ୍ଥାନରେ କିପରି କାମ କରି ଦରମା ନେଉଛନ୍ତି ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ସରକାରଙ୍କ ନିକଟରେ ଦାବୀ କରିଛନ୍ତି। ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗଣଶିକ୍ଷା ବିଭାଗ ପଦକ୍ଷେପ ନେବା ସହ ଘଟଣାର ଭିଜିଲାନ୍ସ ତଦନ୍ତ ଦାବୀ କରିଛନ୍ତି ସଦର ବିଧାୟକ ତଥା ବିରୋଧିଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ। ଦୀର୍ଘ ବର୍ଷ ହେବ ଏହି ସୋସାଇଟି ନିୟମ ବହିର୍ଭୂତ କାମ କରିଥିବାରୁ ସୋସାଇଟି ଭାଙ୍ଗିଦେବା ସହ ଆଡମିନିଷ୍ଟ୍ରେଟର ଭାବେ ବସନ୍ତ କୁମାର ନାଏକ ଦାୟିତ୍ୱ ନେବା ପରେ ଗତ ୫ମାସର ଆୟବ୍ୟୟର ସ୍ୱତନ୍ତ୍ର ଅଡିଟ କରିବାକୁ ଡିଆର୍‌ସିଏସ୍‌ଙ୍କ ନିକଟରେ ଶ୍ରୀ ମାଝୀ ଦାବୀ କରିଛନ୍ତି।

# କେନ୍ଦ୍ରାପଡାର ପୋଲିସ କନେଷ୍ଟବଳ ଅଭିଜିତ ଦାସ ଡିଜିପି ଡିସ ପୁରସ୍କାର ପାଇଲେ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡାର ପୋଲିସ କନେଷ୍ଟବଳ ଅଭିଜିତ ଦାସଙ୍କୁ କେନ୍ଦ୍ରାପଡା ଜିଲ୍ଲାରେ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ପୋଲିସ ମହାନିର୍ଦ୍ଦେଶକ ଅଭୟ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଡିଜିପି ଡିସ ପୁରସ୍କାର ପ୍ରଦାନ କରିଥିବା ଜଣାପଡିଛି । କନେଷ୍ଟବଳ ଶ୍ରୀ ଦାସ ଜଣେ ଦକ୍ଷ ଓ କର୍ମଠ ପୋଲିସ କର୍ମଚାରୀ ଭାବରେ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ପୁରସ୍କୃତ ହୋଇଥିବା ସୂଚନା ମିଳିଛି ।

# ଆର୍ସେଲ ମିତ୍ତଲ କମ୍ପାନୀର ମନମାନୀ, ଆବଶ୍ୟକତାଠାରୁ ଅଧିକ ଖଣିଜ ପଦାର୍ଥ ପରିବହନ ଟ୍ରାଫିକ ସମସ୍ୟାର ମୁଖ୍ୟକାରଣ

ଯୋଡା/ବଡକାଳିମାଟି (ପିଏନ୍): ଟ୍ରାଫିକ ଜାମ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ଏ ନେଇ ଖଣି ପ୍ରଭାବିତ ଅଞ୍ଚଳରେ ରାସ୍ତା ଜାମ ଓ ଯାତାୟାତ ପରିସ୍ଥିତି ଅଣାୟତକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ସମୟରେ ବୈଠକ କରାଯାଇ ଏହାର ସମାଧାନ ବାହାର କରାଯାଉଛି । ହେଲେ ଏଠାରେ ଫଳ ଶୂନ । ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ପୋଲିସ ସହିତ ଟ୍ରାଫିକ ଗାଡି ମଧ୍ୟ ନିଯୁକ୍ତି କରାଯାଇଛି । ଏଠାରେ ଦିନେ ନୁହେଁ କି ଅଧେ ନୁହେଁ ବର୍ଷ ବର୍ଷ ଧରି ଖଣି ଅଞ୍ଚଳର ଲୋକେ ଭୋଗିଚାଲିଛନ୍ତି ଏଭଳି ଟ୍ରାଫିକ ଜାମ ସମସ୍ୟା । ଏମିତି ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ବଡକାଳିମାଟି ପଞ୍ଚାୟତର ଦୁବୁନା ଠାରେ ଥିବା ଆର୍ସେଲ ମିତ୍ତଲ ନିପୋନ ଷ୍ଟିଲ କମ୍ପାନୀ ଠାରେ । ଖଣି ଅଞ୍ଚଳର ବଡକାଳିମାଟି ଠାରୁ ଦୁବୁନା ପର୍ଯ୍ୟନ୍ତ ଯେଉଁ ପ୍ରକାର ରାସ୍ତା ଜାମରେ ଉତ୍କଟ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି ଆଖିରେ ନ ଦେଖିଲେ ବିଶ୍ୱାସ କରିବା କଷ୍ଟ । ଏଭଳି ସ୍ଥଳେ ସାଧାରଣ ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ସ୍ଥାନୀୟ ମହଲରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି । ବିଶେଷ କରି ବଡକାଳିମାଟିଠାରୁ ଦୁବୁନା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାସ୍ତାଟି ଆର୍ସେଲ ମିତ୍ତଲ କମ୍ପାନୀକୁ ଯାଉଥିବା ବଡ ବଡ ଭାରିଯାନ କବଜାରେ ରାସ୍ତାଗୁଡିକ ଦିନରାତି ରହୁଥିବା ଫଳରେ ନାହିଁ ନଥିବା ଦୁଃଖ ଭୋଗୁଛନ୍ତି ସ୍ଥାନୀୟ ଜନ ସାଧାରଣ । ଆବଶ୍ୟକତା ଠାରୁ ଅଧିକ ଖଣିଜ ପଦାର୍ଥ ପ୍ଲାଣ୍ଟରୁ ପରିବହନ ହେଉଥିବା କାରଣରୁ ରାସ୍ତା ଜାମର ସମସ୍ୟା ଲାଗି ରହୁଛି । ପ୍ରତ୍ୟକ ଦିନ ଟ୍ରାଫିକ ଜାମ ସମସ୍ୟା ହେତୁ ଆମ୍ବୁଲାନ୍ସ ମଧ୍ୟ ରୋଗୀକୁ ନେବା ପାଇଁ ମନା କରି ଦେଉଛନ୍ତି । ୧୦୮କୁ ଫୋନ କଲେ ପଚାରୁଛନ୍ତି କେଉଁ ଜାଗାରେ; ଯଦି କୁହାଯାଏ ଦୁବୁନା, ପୁରୁଣାଡିହ, ଖଜୁରୀଡିହି, ହାତୀମରା, ନୟାଗଡ, ବସନ୍ତପୁର କିମ୍ବା ପିଡୋପୋଖରୀ ତେବେ କହୁଛନ୍ତି ହେ ଭଗବାନ ରାସ୍ତା ଜାମ ନାହିଁତ ? ନହେଲେ ରାତି ପାହିଯିବ ପହଞ୍ଚିବାକୁ । ଏଥିରୁ ଚିନ୍ତାକରନ୍ତୁ ଏଠାକାର ସ୍ଥାନୀୟ ବାସିନ୍ଦା କେମିତି ଜୀବନଯାପନ କରୁଥିବେ । ଏଥିନେଇ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଛନ୍ତି । ମିତ୍ତଲ କମ୍ପାନୀ ପରିବହନ କ୍ଷେତ୍ରରେ ଅଧିକ ଟ୍ରକଗୁଡିକୁ ଲଗାଇବା ଦ୍ୱାରା ଏଭଳି ରାସ୍ତା ଜାମର ବିଷମ ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ମହଲରେ ଦାବି ହେଉଛି ।

# କୁଶ ପଟ୍ଟନାୟକ ମେମୋରିଆଲ ଫ୍ଲଡ୍ ଲାଇଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ସିମିଳିପାଳ ଏଫ୍‌ସି ବିଜୟୀ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଷ୍ଟାଡିୟମ୍‌ଠାରେ ତୃତୀୟ ବାର୍ଷିକ କୁଶ ପଟ୍ଟନାୟକ ମେମୋରିଆଲ ଫ୍ଲଡ ଲାଇଟ୍ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅପ୍ରେଲ ୧ତାରିଖ ଗୁରୁବାର ଦିନ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଦ୍ୱିତୀୟ ମ୍ୟାଚ୍ ମା'ମଙ୍ଗଳା (କଟକ) ଓ ବାରିପଦା ସିମିଳିପାଳ ଏଫ୍‌ସି ମଧ୍ୟରେ ସନ୍ଧ୍ୟା ୬.୩୦ମିନିଟରେ ଖେଳ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟାର୍ଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା ଖେଳ ହୋଇଥିଲେ ମଧ୍ୟ ସିମିଲପାଳ ଏଫ୍‌ସି ୨-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନିତ ହୋଇଥିଲା । ଏହି ଖେଳକୁ ରେଫରୀ ଭାବେ ଜ୍ୟୋତିରଂଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ଲାଇନ୍‌ସରେ ବିଜୟ ହେମ୍ବ୍ରମ, ଜିତେନ୍ଦ୍ର କୁମାର ବାରିକ, ଉତ୍ତମ ବାରିକ ଓ ଅକ୍ଷୟ ହେମ୍ବ୍ରମ ସହଯୋଗ କରିଥିବା ବେଳେ ସୁରେଶ ଜେନା ଓ ମଦନ ପାଣି ଧାରାବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଆନନ୍ଦପୁର ଓକିଲ ସଂଘର ସଭାପତି ଦୟାନିଧି ଦାଶ, ଜଗତସିଂହପୁର ଜିଲ୍ଲାର ସାମାଜିକ ସୁରକ୍ଷା ଅଧିକାରୀ ଡଃ ଶମ୍ଭୁନାଥ ରାଉତ, ମନୋରଂଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରିଥିଲେ । କାର୍ଯ୍ୟକ୍ରମକୁ ପୂର୍ବତନ ଫୁଟବଲ ଖେଳାଳୀ ବିନୋଦ ମିଶ୍ର, ଗଗନ ସିଂ, ନିରାକାର ଦଳେଇ, ଦେବବ୍ରତ କରଣ, ରମେଶ ସିଂ, ଅକ୍ଷୟ ମହାନ୍ତି, ନିଲୁ ମହାନ୍ତି, ଅଶୋକ ରାଉଳ, ଆଦିକନ୍ଦ ମହାକୁଡ, କୁଂଜବିହାରୀ ମିଶ୍ର, ଅଖିଳ ପଟ୍ଟନାୟକ, ସୁଦର୍ଶନ ରଣା, ମୁରଲିଧର ମିଶ୍ର, ହଲାଲ ଦାସ, ପ୍ରଦୀପ ହଜାରୀ ପ୍ରମୁଖ ପରିଚାଳନା କରିଥିଲେ ।




# ମହିଳା କର୍ମଚାରୀଙ୍କୁ ଆପତିଜନକ ଆଚରଣକୁ ନେଇ ବିବାଦରେ ବିଏଓ : ତଦନ୍ତ ପରେ ମଧ୍ୟ ବିଏଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ୍

ବାରିପଦା: ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ କୃଷି କାର୍ଯ୍ୟାଳୟରେ କାର୍ଯ୍ୟରତ ବ୍ଲକ କୃଷି ଅଧିକାରୀ ସିଙ୍ଗରାୟ ମାର୍ଣ୍ଡି ବିବାଦୀୟ ହୋଇପଡ଼ିଛନ୍ତି । ନିଜ କାର୍ଯ୍ୟ କ୍ଷେତ୍ରରେ ନିର୍ବାଚିତ ପ୍ରତିନିଧି, ଚାଷୀ, ଅଧନସ୍ଥ କର୍ମଚାରୀଙ୍କୁ ନିଜର ଦବଙ୍ଗଗିରି ଦେଖାଇବା ସହିତ ୩ଜଣ ମହିଳା କର୍ମଚାରୀଙ୍କୁ ଆପତିଜନକ ଆଚରଣ ଓ କଥାବାର୍ତା ପାଇଁ ସେ ବିବାଦୀୟ ହୋଇଛନ୍ତି । ଏହି ମହିଳା କର୍ମଚାରୀଗଣ, ଅନ୍ୟ କର୍ମଚାରୀ, ସରପଂଚ ଓ ପଂଚାୟତ ସମିତି ଅଧ୍ୟକ୍ଷ ତାଙ୍କ ନାମରେ ଅଭିଯୋଗ ଆଣିବା ପରେ ବିବାଦୀୟ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ ସରିଛି ଏବଂ ଜିଲ୍ଲା କୃଷି ବିଭାଗ ମୁଖ୍ୟ ଦାମୋଦର ସେଠୀ ଉକ୍ତ ତଦନ୍ତ ରିପୋର୍ଟ କୃଷି ଓ ଚାଷୀ ସଶକ୍ତି କରଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ନିକଟକୁ ପଠାଇ ଦେଇଛନ୍ତି । ତେବେ ତଦନ୍ତକୁ ଏକ ମାସ ବିତିଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଯାହାର ପ୍ରତିବାଦ ସ୍ୱରୂପ ଜିଲ୍ଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ଓ କୃଷି ଅଧିଦର୍ଶକ ସଂଘ ଆନ୍ଦୋଳନ ଚେତାବନୀ ଦେଇଛନ୍ତି । ଶୁଳିଆପଦା ବ୍ଲକ କୃଷି କାର୍ଯ୍ୟାଳୟରେ କାର୍ଯ୍ୟରତ ବ୍ଲକ କୃଷି ଅଧିକାରୀ ସିଙ୍ଗରାୟ ମାର୍ଣ୍ଡି ଯଥା ସମୟରେ କାର୍ଯ୍ୟାଳୟକୁ ନଆସିବା, ଚାଷୀଙ୍କ ଠାରୁ ଆରମ୍ଭ କରି କାର୍ଯ୍ୟାଳୟର କର୍ମଚାରୀଙ୍କୁ ନାଲି ଆଖି ଦେଖାଇବା, ସହିତ 'ମୁଁ ସରକାରୀ ଗାଇଡ ଲାଇନରେ ଚାଲେ ନାହିଁ ବରଂ ସରକାରୀ ଯୋଜନା ମୋ ଗାଇଡ ଲାଇନରେ ଚାଲିବ । ମୋ ଦ୍ୱାରା ପରିଚାଳିତ ନ ହେଲେ ଦରମା ବନ୍ଦ ସାଙ୍ଗକୁ ବଦଳି କରିଦେବି' ଧମକ ଦେଉଥିବା ଅଭିଯୋଗରେ ଉଲ୍ଲେଖ ରହିଛି । ଏପରି କି, ୩ ମହିଳା କର୍ମଚାରୀଙ୍କୁ ନିଜ ବାଇକ ପଛରେ ବସାଇ ବୁଲିବାକୁ ବାଧ୍ୟ କରିବା ସହିତ ବୈବାହିକ ଜୀବନ ସମ୍ବନ୍ଧରେ ପ୍ରଶ୍ନ କରିବା ଓ ଆପତି ଜନକ ଆଚରଣକୁ ନେଇ ଅଭିଯୋଗ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନଯିବାରୁ କର୍ମଚାରୀମାନେ ଅଧିକାରୀଙ୍କ କାର୍ଯ୍ୟକଳାପ ଓ ଆକ୍ରୋଶ ମୂଳକ ପଦକ୍ଷେପରେ ଅତିଷ୍ଠ ହୋଇ ଛୁଟି ନେଇ ଘରେ ରହିବାକୁ ଉଚିତ ମଣୁଛନ୍ତି । ତେବେ ଏ ନେଇ ପାକଟିଆ, ଫନିଆ ଓ କାଣିମହୁଲି ପଂଚାୟତର ସମିତିସଭ୍ୟ, ସମସ୍ତ ସରପଂଚ ଓ ଶତାଧିକ ଚାଷୀ ଏବଂ ବ୍ଲକର ଅଧ୍ୟକ୍ଷଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗପତ୍ର କୃଷିମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫ଟି ସଚିବ, ମୋରଡା ବିଧାୟକ, କୃଷି ନିର୍ଦ୍ଦେଶକ, ମୟୂରଭଞ୍ଜ ଜିଲ୍ଲାପାଳ ଓ ମୁଖ୍ୟ କୃଷି ଅଧିକାରୀଙ୍କୁ ଅଭିଯୋଗ କରିବାରୁ ଜିଲ୍ଲା କୃଷି ଅଧିକାରୀ ଦାମୋଦର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଉଦଳା ଅତିରିକ୍ତ କୃଷିଜିଲା ଅଧିକାରୀ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଛନ୍ତି । ରିପୋର୍ଟରେ ସେ ଦର୍ଶାଇଛନ୍ତି ଯେ, ଶ୍ରୀ ମାର୍ଣ୍ଡି ୧୯ବର୍ଷ ଧରି ନିଜ ଜିଲାରେ କାର୍ଯ୍ୟ କରୁଛନ୍ତି । ତଦନ୍ତ ସମୟରେ ଗ୍ରାମ୍ୟ କୃଷି କର୍ମଚାରୀ, ମହିଳା ଭିଏଡବ୍ଲ୍ୟୁ,କୃଷି ଅଧିକାରୀ ଓ ଅଭିଯୋଗକାରୀ ନିର୍ବାଚିତ ପ୍ରତିନିଧିଙ୍କ ଠାରୁ ନେଇଥିବା ବୟାନ ଅନୁଯାୟୀ ସତ୍ୟତା ଜାଣିବାକୁ ପାଇଛନ୍ତି । ପ୍ରଥମେ ତାଙ୍କୁ ଶୁଳିଆପଦାରୁ ବଦଳି ସହିତ ୟୁ/ ଆର୍,୧୩ ଅଫ୍ ଓସିଏସ୍ (ସିସି ଏବଂ ଏ) ଆଇନ, ୧୯୬୨ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇଛନ୍ତି । ବିଭାଗୀୟ ଏହି ତଦନ୍ତ ରିପୋର୍ଟ କୃଷି ଓ ଚାଷୀ ସଶକ୍ତି କରଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ମୟୂରଭଞ୍ଜ ଜିଲା କୃଷି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୮୫୫, ତା୨୫।୨।୨୦୨୧ରିଖରେ ପ୍ରଦାନ କରାଯାଇଛି । ମାତ୍ର ଏହାକୁ ଏକମାସ ବିତିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଶ୍ରୀ ମାର୍ଣ୍ଡି ସମସ୍ତଙ୍କୁ ନାଲି ଆଖି ଦେଖାଇ ଧମକପୂର୍ଣ୍ଣ ଚେତାବନୀ ଦେଉଥିବ ଅଭିଯୋଗ ହୋଇଛି । ଏନେଇ ଶ୍ରୀ ମାର୍ଣ୍ଡିଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ତାଙ୍କ ସହିତ ଯୋଗାଯୋଗ ନିମନ୍ତେ ଉଦ୍ୟମ କରାଯାଇଥିଲେ ମଧ ସମ୍ଭବ ହୋଇ ପାରିନଥିବା ସମୟରେ ୨୦ଦିନ ମଧ୍ୟରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ମୟୂରଭଞ୍ଜ ଜିଲ୍ଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ଓ କୃଷି ଅଧିଦର୍ଶକ(ଓଭରସିଓର) ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜିଲ୍ଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ସଭାପତି ରାଜକୁମାର ମହାନ୍ତ ଓ ସମ୍ପାଦକ ସୌମରଞ୍ଜନ ମହା କୃଷି ଅଧିଦର୍ଶକ(ଓଭରସିଓର) ସଂଘର ସଭାପତି ତାରାକାନ୍ତ ଦାସ ଏବଂ ଓ ତୁଷାରକାନ୍ତି ମହାନ୍ତି ଚେତାବନୀ ଦେଇଛନ୍ତି । ମୋରଡ଼ା ବିଧାୟକ ରାଜକିଶୋର ଦାସ ଶୁଳିଆପଦା ବ୍ଲକ କୃଷି କାର୍ଯ୍ୟାଳୟରେ କାର୍ଯ୍ୟରତ ବ୍ଲକ କୃଷି ଅଧିକାରୀ ସିଙ୍ଗରାୟ ମାର୍ଣ୍ଡିଙ୍କ ବଦଳି ନିମନ୍ତେ ବିଭାଗୀୟ ପଦାଧିକାରୀ ଓ ମନ୍ତ୍ରୀଙ୍କୁ ସୁପାରିଶ କରିଥିବାର ପ୍ରକାଶ କରିଛନ୍ତି । ତଥାପି ୧୯ବର୍ଷ ଧରି ନିଜ ଜିଲାରେ କାର୍ଯ୍ୟ କରୁଥିବା ବିବାଦୀୟ ଶୁଳିଆପଦା ବ୍ଲକ କୃଷି କାର୍ଯ୍ୟାଳୟରେ କାର୍ଯ୍ୟରତ ବ୍ଲକ କୃଷି ଅଧିକାରୀ ସିଙ୍ଗରାୟ ମାର୍ଣ୍ଡିଙ୍କ ବଦଳି ନିମନ୍ତେ କୃଷି ବିଭାଗ ପକ୍ଷରୁ ଟାଳଟୁଳ ନୀତିକୁ ଜନସାଧାରଣରେ ତୀବ୍ର ସମାଲୋଚନା କରାଯାଉଛି ଏବଂ ବିଭାଗର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ଉଠିଛି ।

# ପରିବା ବିକ୍ରୀ କରିନପାରି ରାସ୍ତାରେ ପରିବା ଢାଳି ବେପାରୀଙ୍କ ପ୍ରତିବାଦ

ଝାରସୁଗୁଡା : କଟକଣା ଯୋଗୁଁ ପରିବା ବିକ୍ରି କରିନପାରି ରାସ୍ତାରେ ଢ଼ାଳି ପନିପାରିବ ବିକାଳୀଙ୍କ ପ୍ରତିବାଦ କରିଛନ୍ତି । ସକାଳ ଠାରୁ ସାଢ଼େ ଆଠ ଟା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା । ପୌର ନିର୍ବାହୀ ଅଧିକାରୀ ଓ ପୋଲିସ ଉପସ୍ଥିତ ରେ ଆଲୋଚନା ହୋଇଛି । ଆଜି ସନ୍ଧ୍ୟାରେ ରେ ଜିଲା ପ୍ରଶାସନ ସହ ଆଲୋଚନା ହୋଇ ନିଷ୍ପତି ନିଆଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି । ଝାରସୁଗୁଡ଼ା ସହର ରେ ଥିବା ଏକ ମାତ୍ର ବଜାର କୁ ପ୍ରଶାସନ ପକ୍ଷରୁ କୋରନା କଟକଣା ଯୋଗୁଁ ବନ୍ଦ କରିଦିଆଯାଇଛି । ଫଳରେ ଏହି ବଜାର ଉପରେ ନିର୍ଭର କରୁଥିବା ଚାଷୀ ଏବଂ ପରିବା ବ୍ୟବସାୟ ମାନେ ପରିବା ବିକ୍ରି କରି ନ ପାରି ଅସୁବିଧା ସମ୍ମୁଖୀନ ହୋଇଛନ୍ତି ।ପ୍ରଶାସନ ପକ୍ଷରୁ ସାପ୍ତାହିକ ହାଟ ଓ ଦୈନିକ ହାଟ ବନ୍ଦ କରିଦିଆଜାଇ ସହର ର ବିଭିନ୍ନ ସ୍ଥାନରେ ପରିବା ବିକ୍ରି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।ପରିବା ବିକାଳୀ ଙ୍କ ଅଭିଯୋଗ ହେଲା ତାଙ୍କୁ କେଉ ଜାଗାରେ ବିକ୍ରି କରିବେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇନାହିଁ ।ଆଜି ମଙ୍ଗଳ ବାର ବଜାର ଥିବାରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଚାଷୀ ଓ ବ୍ୟବସାୟୀ ପରିବା ଧରି ପହଞ୍ଚିବା ପରେ ଏଠାରେ ବିକ୍ରି କରିବା ପାଇଁ ପୋଲିସ ପକ୍ଷରୁ ବାରଣ କରାଯାଇଥିଲା ।ଯାହା ଫଳରେ ବ୍ୟବସାୟୀ ଙ୍କ ଉତେଜନା ପ୍ରକାଶ ପାଇଥିଲା ।ପରେ ରାସ୍ତା ଉପରେ ପନିପରିବା ଢାଳି ପ୍ରତିବାଦ କରିଥିଲେ ।

# ଅନଓ୍ୱାର୍ଡ଼ ଓଡ଼ିଶା ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ : ଅଂଶଗ୍ରହଣ କଲେ ୬୧ଜଣ ଚିତ୍ରଶିଳ୍ପୀ

ଭୁବନେଶ୍ୱର: ମଧ୍ୟପ୍ରଦେଶର ଭୋପାଳରେ ଅବିସ୍ଥିତ ଫାଉଣ୍ଡେସନ ଅଫ ଆର୍ଟ ଆଣ୍ଡ କଲଚର ଦ୍ୱାରା ଓଡ଼ିଶାର ଚିତ୍ର ଓ ଭାସ୍କର୍ଯ୍ୟଶିଳ୍ପୀଙ୍କ କଳାକୃତିକୁ ନେଇ ଆୟୋଜିତ ହୋଇଛି 'ଅନଓ୍ୱାର୍ଡ଼ ଓଡ଼ିଶା' ଶୀର୍ଷକ ଅନଲାଇନ କଳା ପ୍ରଦର୍ଶନୀ । କ୍ୟୁରେଟର ଅନୁପ କୁମାର ଚାନ୍ଦ ଓ ଆସିଷ୍ଟାଂଟ କ୍ୟୁରେଟର ପୁନମ ଜୈନଙ୍କ ଦ୍ୱାରା ଓଡ଼ିଶାର ୬୧ଜଣ ଚିତ୍ରଶିଳ୍ପୀ ଓ ଭାସ୍କର୍ଯ୍ୟ ଶିଳ୍ପୀଙ୍କ କଳାକୃତି ଏଥିରେ ସ୍ଥାନ ପାଇବା ଗୌରବର ବିଷୟ । ଭୋପାଳର ବରିଷ୍ଠ ଚିତ୍ରଶିଳ୍ପୀ ଅଖିଳେଶ ଅଂଶଗ୍ରହଣ କରିଥିବା ସମସ୍ତ ଚିତ୍ରଶିଳ୍ପୀଙ୍କୁ ପ୍ରଦର୍ଶନୀ ପାଇଁ ସ୍ୱାଗତ ଜଣାଇଛନ୍ତି । ଉକ୍ତ ପ୍ରଦର୍ଶନୀରେ ଶିଳ୍ପୀମାନଙ୍କ ଦ୍ୱାରା ଅନେକ ବିଷୟବସ୍ତୁ ଓ ଶୈଳୀକୁ ନେଇ ଚିତ୍ର ଓ ଭାସ୍କର୍ଯ୍ୟଗୁଡ଼ିକ ତିଆରି ହୋଇଥିଲା । ଅଦ୍ୱୈତ ଗଡ଼ନାୟକ, ଟୁଟୁ ପଟ୍ଟନାୟକ, ନିବେଦିତା ମିଶ୍ର, ଚୁଗୁଲି ସାହୁ ଓ ଚନ୍ଦନ କୁମାର ସାମଲଙ୍କ ସୁଉଚ୍ଚ ଭାସ୍କର୍ଯ୍ୟଗୁଡ଼ିକ ଆକର୍ଷଣୀୟ ହୋଇଥିଲା । ବରିଷ୍ଠ ଶିଳ୍ପୀ ଯତୀନ ଦାସ, ଜଗନ୍ନାଥ ପଣ୍ଡା, ଜଗନ୍ନାଥ ମହାପାତ୍ର, ତପନ ଦାସ, ସଜଳ ପାତ୍ର, ରାମହରି ଜେନା, ଗଜେନ୍ଦ୍ର ପାଢ଼ୀ, ରଞ୍ଜନ ମଲ୍ଲିକ, ଗଜେନ୍ଦ୍ର ପ୍ରସାଦ ସାହୁ, ମାନସ ଜେନା, ପ୍ରଦୋଷ ସ୍ୱାଇଁ, ମୀନକେତନ ପଟ୍ଟନାୟକ, ଚକ୍ରଧର ବେହେରା, ପ୍ରବୀର ଦଳାଇ ପ୍ରମୁଖ ଚିତ୍ରଶିଳ୍ପୀଙ୍କ କଳାକୃତି ନିଜ ନିଜ ଶୈଳୀରେ ଅଦ୍ୱିତୀୟ ପରିଲକ୍ଷିତ ହୋଇଥିଲା । ଶିଳ୍ପୀ ଗୌରାଙ୍ଗ ବାରିକି, ସଙ୍ଗୀତା ପଟ୍ଟନାୟକ, ରାଜୀବ ଲୋଚନ ସାହୁ ଓ ଅରୁଣ କୁମାର ଜେନା ପାରମ୍ପରିକ କଳାକୁ ସମସାମୟିକ ଶୈଳୀରେ ବେଶ ନିଖୁଣ ଭାବରେ ଅଙ୍କନ କରିଥିଲେ । ମୁଦ୍ରଣ କଳାରେ ଚଇତାବସୁ ଜେନା, ଡ୍ରଇଁରେ ତାରାକାନ୍ତ ପରିଡ଼ା, ସେରାମିକରେ ବିଶ୍ୱଜିତା ମହାରଣା ନିଜର ଶ୍ରେଷ୍ଠ କୃତି ପ୍ରଦର୍ଶନ କରିଥିଲେ ।ଚିତ୍ରଶିଳ୍ପୀ ଅନୁପ କୁମାର ଚାନ୍ଦଙ୍କ ପ୍ରଦର୍ଶିତ ତୈଳଚିତ୍ରରେ ସେ ପଶୁମାନଙ୍କ ଚିତ୍ର ଏକ ଅଲଗା ଆନ୍ଦାଜରେ ଅଙ୍କନ କରିଛନ୍ତି । ଯେଉଁଥିରେ ପଶୁମାନଙ୍କୁ ମଣିଷ ଅନେକ ପ୍ରକାରର ହଇରାଣ, ହରକତ କରୁଥିବାରୁ ପଶୁ ମଧ ବିଶ୍ୱାସ ହରାଉଥିବାର ଦର୍ଶାଉଛନ୍ତି । ଶିଳ୍ପୀ ଅସିତ କୁମାର ପଟ୍ଟନାୟକଙ୍କ 'ଏଫେକ୍‌ସନ' ଶୀର୍ଷକ ଏକ୍ରାୟଲିକ ଚିତ୍ରଟି ସମସ୍ତଙ୍କ ଦୃଷ୍ଟି ଆକର୍ଷିତ କରିଥିଲା । ଏହି ଚିତ୍ରରେ ଅସିତ ନାରୀ ଓ ପୁରୁଷ ଚିତ୍ରକୁ ସୃଜନଶୀଳ ଢଙ୍ଗରେ ଚିତ୍ରିତ କରିଛନ୍ତି । ଚିତ୍ରଟିରେ ଲାଲ କେଶ ଥିବା ମହିଳା ଜଣକଙ୍କ ସହ ଏକ ପ୍ରଦର୍ଶନର ସାକ୍ଷାତ ହୋଇଥିଲା ଯାହାକୁ ସେ କାନଭାସ ଉପରେ ଅଙ୍କନ କରିଥାନ୍ତି । ଶିଳ୍ପୀ ପଂଚାନନ ସାମଲଙ୍କ ଏକ୍ରାୟଲିକ ରଙ୍ଗର 'ନେଚୁରାଲ ହାରମୋନି' ଶୀର୍ଷକ ଚିତ୍ର ସମସାମୟିକ ଜୀବନ ଯାପନ ଶୈଳୀ କିପରି ମଣିଷର ସୁଖ ଓ ଶାନ୍ତିକୁ ହରଣ କରିନେଇଛି ଏବଂ ମଣିଷ ବିକଳ୍ପ ଶାନ୍ତିର ସନ୍ଧାନରେ ନିଜର ଅସ୍ତିତ୍ୱ ହରାଇ ବସିଛି ତାହାକୁ ସୃଜନଶୀଳ ଢଙ୍ଗରେ ଅଙ୍କନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆଲୋକ ବଳ, ବିଜୟ ବିଶ୍ୱାଳ, ବିପିନ ମାର୍ଥା, ଦେବାର୍ଜନ ରାଉତ, ଦୀନବନ୍ଧୁ ସାହୁ, ଗୋପାଳ ସାମନ୍ତରାୟ, ହେଲେନବାଳା ବ୍ରହ୍ମା, ଜ୍ୟୋତିର୍ମୟ ପଟ୍ଟନାୟକ, ଲିପିଶ୍ରୀ ନାୟକ, ମମତା ସାମନ୍ତରାୟ, ମନୋଜ କୁମାର ସାହୁ, ନିବେଦିତା ପଟ୍ଟନାୟକ, ପ୍ରଦିପ୍ତ କିଶୋର ଦାସ, ପ୍ରସନ୍ନ ମହାରଣା, ସଞ୍ଜୟ କେତନ ଚୌଧୁରୀ, ସୁବ୍ରତ ମଲ୍ଲିକ, ସୂର୍ଯ୍ୟକାନ୍ତ ସ୍ୱାଇଁ ପ୍ରମୁଖ ନିଜ ନିଜର ନିଆରା ଶୈଳୀର ଚିତ୍ର ପ୍ରଦର୍ଶନୀର ଶୋଭାବର୍ଦ୍ଧନ କରିଥିଲା ।

## ଭଣ୍ଡାରିପୋଖରୀ : ବିଦ୍ୟୁତ ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସର ପ୍ରତିବାଦ

ଭଦ୍ରକ: ବିଦ୍ୟୁତ ଦରବୃଦ୍ଧି ପ୍ରତିବାଦରେ ବ୍ଲକ କଂଗ୍ରେସ ପକ୍ଷରୁ ପ୍ରତିବାଦ ସଭା ଆଜି ସଭାପତି ରଜନୀକାନ୍ତ ଚନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ କର୍ମୀମାନେ ଦଳୀୟ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ନେସ୍କୋ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭାରେ ଯୋଗଦେଇଥିଲେ । ଏଥିରେ ଦଳର ଜିଲା ସଭାପତି ସୁବ୍ରତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କରୋନା ମହାମାରୀ ଜନସାଧାରଣଙ୍କ ଆର୍ଥୀକ ମେରୁଦଣ୍ଡକୁ ଭାଙ୍ଗିଦେଇଛି । ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଖାଇବା ତେଲ ଓ ନିତ୍ୟବ୍ୟହାର୍ଯ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ବେଡି ଉପରେ କୋରଡା ସଦୃଶ ହୋଇଛି । ଏଭଳି ପରିସ୍ଥିତିରେ ବିଦ୍ୟୁତ ଦରବୃଦ୍ଧି ଉପଭୋକ୍ତାଙ୍କୁ ଆର୍ଥୀକ ଶୋଷଣ ବୋଲି ମତଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ଓଡିଶା ବିଦ୍ୟୁତ କ୍ଷେତ୍ରରେ ବଳକା ରାଜ୍ୟ ଭାବେ ବିବେଚିତ ହେଉଛି । ପୁନଶ୍ଚ ୟୁନିଟ ପିଛା ଉତ୍ପାଦନ ଖର୍ଚ୍ଚ ମାତ୍ର ୩୦ ପଇସା ଅଟେ । ଦିଲ୍ଲୀ ସରକାର ୟୁନିଟ ପିଛା ମାତ୍ର ଏକ ଟଙ୍କା ଆଦାୟ କରୁଥିବା ବେଳେ ଓଡିଶା ସରକାରଙ୍କ ଲାଭଖୋର ମନୋବୃତି ନିନ୍ଦନୀୟ ବୋଲି ପ୍ରକାଶ କରିଥିଲେ । ଏହି ଦରବୃଦ୍ଧି ପ୍ରତ୍ୟାହାର ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କନିଷ୍ଠ ଯନ୍ତ୍ରୀଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ସବିତା ଚନ୍ଦ, ପୂର୍ବତନ ପ ାୟତ ସମିତି ଅଧକ୍ଷ ପିତାମ୍ବର ନାୟକ, ନରନାରାୟଣ ଜେନା,ସରପ ବିଜୟ ଶଙ୍କର ମହାନ୍ତି, ପ୍ରଶାନ୍ତ ସାହୁ, କଂଗ୍ରେସ ନେତା ଅଜୟ ସାହୁ, ନାରାୟଣ ବେହେରା, ନାରାୟଣ ଘଡେଇ, ମହେଶ୍ୱର ଦାସ, ଯତୀନ୍ଦ୍ର ସାହୁ, ନିଗମାନନ୍ଦ ଯେନା, କମଳା ଯେନା, ପ୍ରକାଶ ଯେନା, ମମତା ନାୟକ, ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖି ବିଦ୍ୟୁତ ଦରବୃଦ୍ଧିର ପ୍ରତିବାଦ କରିଥିଲେ ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ଓ.ଇ.ଆର.ସି. କାର୍ଯ୍ୟାଳୟ ଘେରାଉ

ଭୁବନେଶ୍ୱର: ଓଡିଶା ପ୍ରଦେଶ କଂଗ୍ରେସ କମିଟି ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମିଳିତ ଆନୁକୂଲ୍ୟରେ ବାରମ୍ବାର ବିଦ୍ୟୁତ ଦର ବୃଦ୍ଧି ପ୍ରତିବାଦରେ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓ.ଇ.ଆର.ସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଓ.ଇ.ଆର.ସି. ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।ଏହି ବିକ୍ଷୋଭରେ ଯୋଗଦେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ ଯେ ବର୍ତମାନର କରୋନା ମହାମାରୀର ସମ୍ମୁଖିନ ହୋଇ ରାଜ୍ୟବାସୀ ହନ୍ତସନ୍ତ ହୋଇପଡିଥିବା ବେଳେ କ୍ରମାଗତ ଭାବେ ୬ ମାସ ତଳେ ୟୁନିଟ୍ ପିଛା ୨୦ ପଇସା ଓ ସଦ୍ୟ ୩୦ ପଇସା ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ କଂଗ୍ରେସ ବିରୋଧ କରୁଛି । ବିଶେଷକରି ଏହାଦ୍ୱାରା ମଧ୍ୟବିତ, ନିମ୍ନମଧ୍ୟବିତ ଓ ଗରିବ ଶ୍ରେଣୀର ଲୋକ ବହୁ ମାତ୍ରାରେ ପ୍ରଭାବିତ ହୋଇଛନ୍ତି । ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କକୁ ପ୍ରତ୍ୟାହାର କରନ୍ତୁ । ସାରା ରାଜ୍ୟରେ ଏଥିପାଇଁ ଜନ ଅସନ୍ତୋଷ ବୃଦ୍ଧି ପାଇଛି । ଯାହାର ପ୍ରତିଫଳନ କଂଗ୍ରେସ ଦଳ ଡାକରାରେ ସମସ୍ତ ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ବିକ୍ଷୋଭରୁ ପ୍ରମାଣିତ ହୋଇଛି । ପ୍ରତ୍ୟେକ ବ୍ଲକ କଂଗ୍ରେସ ପକ୍ଷରୁ ବିଦ୍ୟୁତ ଶୁଳ୍କ ବୃଦ୍ଧି ନିଷ୍ପତିର ପ୍ରତ୍ୟାହାର ନିମନ୍ତେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସଂପୃକ୍ତ ବିଦ୍ୟୁତ୍ ଅଧିକାରୀଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସେହିପରି ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆ କହିଲେ ଯେ ରାଜ୍ୟ ସରକାରଙ୍କ ଏହି ବିଦ୍ୟୁତ୍ ଦର ବୃଦ୍ଧି ଦୁର୍ଭାଗ୍ୟଜନକ । କଂଗ୍ରେସ ନେତା ଶୁଭେନ୍ଦୁ ମହାନ୍ତି କହିଲେ ଯେ ରାଜ୍ୟ ସରକାର ଏବଂ ଘରୋଇ କମ୍ପାନୀଗୁଡିକ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି, ସେଥିରେ ଗରିବ ଜନସାଧାରଣ ହଇରାଣ ହେଉଛନ୍ତି । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ କହିଥିଲେ ଯେ ଦିଲ୍ଲୀ ପରି ସହରରେ ନିଜସ୍ୱ ବିଦ୍ୟୁତ୍ ଉତ୍ପାଦନର ଉତ୍ସ ନଥିବା ବେଳେ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ଯାଏଁ ମାଗଣାରେ ବିଦ୍ୟୁତ ଯୋଗାଇ ଦିଆଯାଉଛି । କିନ୍ତୁ ଓଡିଶାରେ ଆବଶ୍ୟକତା ଠାରୁ ୮୦୦ ମେଗାୱାଟ୍ ଅଧିକ ବିଦ୍ୟୁତ୍ ଉତ୍ପାଦନ ହେଉଥିବା ବେଳେ ଓଡିଶା ସରକାରଙ୍କ ଦ୍ୱାରା ବାରମ୍ବାର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଅମୂଳକ । ତେଣୁ ଏହି ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ପ୍ରତ୍ୟାହାର କରାଯାଉ । ନଚେତ୍ କଂଗ୍ରେସ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ପଛଘୁଂଚା ଦେବ ନାହିଁ । ପରିଶେଷରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ପ୍ରତିନିଧି ମଣ୍ଡଳୀ ଓଇଆରସି ଅଧକ୍ଷଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପ୍ରଦୀପ ମାଝୀ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ସେକ୍ ଅଫତାବ ଅଲ୍ଲୀ, ମୋହନ ଜେନା, ବ୍ରହ୍ମାନନ୍ଦ ସାହୁ, ଆଶିଷ ମଲ୍ଲିକ, ରଜନୀ ମହାନ୍ତି, ଏମ୍‌ଡି ଶାହାଦୁଲ୍ଲା, ନିଆଜୁଲ ଇସ୍‌ଲାମ, କୈଳାସ ସାହୁ, ଖଗେଶ୍ୱର ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବିଜେପିର ୪୧ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର: ବିଜେପିର ୪୧ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସର ଭିତରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଦଳୀୟ ପତାକା ଉତୋଳନ କରିବା ସହ ଶ୍ୟାମାପ୍ରସାଦ ମୁଖାର୍ଜୀ ଏବଂ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ ।ଏହି ଅବସରରେ ସେ କହିଥିଲେ ଯେ ଦୀର୍ଘ ୪୧ ବର୍ଷର ଯାତ୍ରା ଏକ ସଂଘର୍ଷ ପୂର୍ଣ୍ଣ ଯାତ୍ରା ଥିଲା । ଏହି ସମୟ ମଧ୍ୟରେ ସଙ୍ଗଠନର ସମସ୍ତ ମହାନ ବ୍ୟକ୍ତିତ୍ୱ ଯିଏ ନିଜକୁ ଦେଶ ପାଇଁ ଓ ଦଳକୁ ଆଜି ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ରୂପେ ଗଢି ତୋଳିଛନ୍ତି, ସେହି ମହାମନିଷୀମାନଙ୍କୁ କୋଟି କୋଟି ପ୍ରଣାମ ଜଣାଇବା ସହ ସେମାନଙ୍କ ତ୍ୟାଗ ବଳୀଦାନ ଚିର ସ୍ମରଣୀୟ ହୋଇ ରହିବ ଏବଂ ଆମ ସମସ୍ତଙ୍କୁ ପ୍ରେରଣା ଦେଉଥିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ ବିଜେପିର ୩ ଜଣ ପ୍ରତିଷ୍ଠାତା ସଦସ୍ୟ ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ, ସଜ୍ଜନ ଶର୍ମା ଓ ସୁବାଷ ଗଣ୍ଡାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡିଶାରେ ବିଜେପିକୁ ଯେପରି ଜନ ସମର୍ଥନ ମିଳୁଛି ତାହା ଅତ୍ୟନ୍ତ ଉତ୍ସାହଜନକ । ଉତ୍କଳ ଜନନୀର ସେବା କରିବା ପାଇଁ ଆମକୁ ସୁଯୋଗ ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଦେଶବାସୀଙ୍କ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନା ଲାଗୁ କରିଛନ୍ତି । ବିଜେପିର ମୂଳ ବିଚାର ହେଉଛି ରାଷ୍ଟ୍ର ସର୍ବପ୍ରଥମ, ପରେ ଦଳ ଏବଂ ତାପରେ ବ୍ୟକ୍ତି । ଆଗାମୀ ଦିନରେ ଓଡିଶାବାସୀଙ୍କ ଜନସମର୍ଥନ ପାଇ ଓଡିଶାକୁ ଏକ ନମ୍ବର ରାଜ୍ୟ ଭାବେ ପରିଗଣିତ କରିବା ପାଇଁ ବିଜେପି କାର୍ଯ୍ୟକର୍ତାମାନେ ଆଜିର ଦିନରେ ସଂକଳ୍ପ ନେବାକୁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି । 'ସେବା ହିଁ ସଙ୍ଗଠନ' ସଂକଳ୍ପ ନେଇ ବିଜେପିର ସମସ୍ତ କାର୍ଯ୍ୟକର୍ତା ନିରନ୍ତର କାର୍ଯ୍ୟ କରିଚାଲିଛନ୍ତି । ଯାହାକି ଅତ୍ୟନ୍ତ ପ୍ରଶଂସନୀୟ ଓ ଧନ୍ୟବାଦର ପାତ୍ର । ଦଳକୁ ଆହୁରି ଆଗକୁ ନେବା ପାଇଁ ଆମ ସମସ୍ତଙ୍କ ଉଦ୍ୟମ ଏମିତି ଜାରି ରହିଥାଉ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ରାଜ୍ୟ ସହ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂ ତୋମର କହିଛନ୍ତି ୬ ଏପ୍ରିଲ ୧୯୮୦ରେ ଦଳ ପ୍ରତିଷ୍ଠା ହେବା ସମୟରୁ ପଂଚ ନିଷ୍ଠ ଯଥା- ରାଷ୍ଟ୍ରବାଦ ରାଷ୍ଟ୍ରୀୟ ଏକତା, ଗଣତନ୍ତ୍ର, ମୂଲ୍ୟବୋଧ ଆଧାରିତ ରାଜନୀତି, ଗାନ୍ଧୀବାଦ ଦୃଷ୍ଟିକୋଣ ଉପରେ ଆଧାରିତ ସାମାଜିକ ଓ ଆର୍ଥିକ ସମତା, ସକରାତ୍ମକ ପନ୍ଥ ନିରପେକ୍ଷତାକୁ ଆଧାର କରି ଚାଲିଛି । ଦୁଇ ଜଣ ସାଂସଦଙ୍କ ଠାରୁ ଆରମ୍ଭ ହୋଇଥିବା ବିଜେପି ଦଳ ଏବେ ବିଶ୍ୱର ସର୍ବବୃହତ ଦଳ ଭାବେ ପରିଚିତ ହୋଇଛି । ଏବେ ବିଜେପିରେ ୧୮ କୋଟି ସଦସ୍ୟ,୧୪୦୦ ଏମଏଲଏ ଓ ଏମଏଲସି, ୩୯୫ ଲୋକସଭା ଓ ରାଜ୍ୟସଭା ସାଂସଦ ରହିଛନ୍ତି । ଦେଶରେ ୧୮ଟି ରାଜ୍ୟରେ ବିଜେପି ଏବଂ ଏନଡିଏର ସରକାର ଚାଲିଛି । ବିଜେପିର ବିଚାରଧାରାକୁ ସମଗ୍ର ଭାରତବାସୀ ଆପଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସର ମୂଳମନ୍ତ୍ର ନେଇ ବିଜେପି ଅଗ୍ରସର ହେଉଛି ବୋଲି ରାଷ୍ଟ୍ରୀୟ ପ୍ରବକ୍ତା ଶ୍ରୀ ସମ୍ବିତ ପାତ୍ର କହିଛନ୍ତି । ପଦାଧିକାରୀମାନେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡାଙ୍କ ଅଭିଭାଷଣ ଶୁଣିଥିଲେ । ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ(ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ, ପିଙ୍କି ପ୍ରଧାନ, ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ଠାକୁର ରଂଜିତ ଦାସ, ସୋନାଲୀ ସାହୁ, ବରିଷ୍ଠ ନେତା ମହେଶ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୁଷମା ବିଶ୍ୱାଳ, କାନନବାଳା ପଟ୍ଟନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ । ବିଜେପି ପ୍ରତିଷ୍ଠା ଦିବସ ରାଜ୍ୟର ସମସ୍ତ ଜିଲ୍ଲା ଓ ମଣ୍ଡଳ କାର୍ଯ୍ୟାଳୟ ଠାରେ ପାଳନ କରାଯାଇଛି ।

# ହାଓଡ଼ା ଠାରେ ଚାରିଯୋଡ଼ା ବିଶେଷ ଟ୍ରେନ ସମୟରେ ପରିବର୍ତନ

ଭୁବନେଶ୍ୱର: ପରିଚାଳନାଗତ ସୁବିଧାପାଇଁ ହାଓଡ଼ା/ସାନ୍ତ୍ରାଗାଛି ଠାରେ ଚାରି ଯୋଡ଼ା ସ୍ୱତନ୍ତ୍ର ଟ୍ରେନର ସମୟ ସଂଶୋଧନ କରିବାକୁ ନିଷ୍ପତି ନିଆଯାଇଛି । ନିମ୍ନଲିଖିତ ଅନୁଯାୟୀ ଜସିଡିହ-ତାମ୍ବରମ୍-ଜସିଡିହ ସ୍ପେଶାଲର ସେବା ଅବଧି ସଂଶୋଧନ କରିବାକୁ ମଧ ନିଷ୍ପତି ନିଆଯାଇଛି - ୦୨୮୭୩/୦୨୮୭୪ ହାଓଡ଼ା-ଯଶୋବନ୍ତପୁର-ହାଓଡ଼ା ବିଶେଷ ଟ୍ରେନ ହାଓଡ଼ାରୁ ଏପ୍ରିଲ ମାସ ୫ ତାରିଖ ଠାରୁ ପୂର୍ବାହ୍ନ ୧୦ଘ.୫୦ମି. ପରିବର୍ତେ ପୂର୍ବାହ୍ନ ୧୦ଘ.୫୫ମି.ରେ ଛାଡିବ ଏବଂ ଯଶୋବନ୍ତପୁରରୁ ୭ ଏପ୍ରିଲ, ୨୦୨୧ ଠାରୁ ଛାଡୁଥିବା ବିଶେଷ ଟ୍ରେନ ହାଓଡ଼ା ଠାରେ ଅପରାହ୍ନ ୪ଘ.୫୦ମି. ପରିବର୍ତେ ଅପରାହ୍ନ ୪ଘ.୪୫ମି. ରେ ପହଂଚିବ ।୦୨୮୭୩/୦୨୮୭୪ ହାଓଡ଼ା-ଯଶୋବନ୍ତପୁର-ହାଓଡ଼ା ବିଶେଷ ଟ୍ରେନ ହାଓଡ଼ାରୁ ଏପ୍ରିଲ ମାସ ପହିଲା ଠାରୁ ରାତ୍ରି ୧୦ଘ.୫୫ମି. ପରିବର୍ତେ ରାତ୍ରି ୧୧ଘଟିକାରେ ଛାଡିବ ଏବଂ ଯଶୋବନ୍ତପୁରରୁ ଏପ୍ରିଲ ମାସ ପହିଲା ଠାରୁ ଛାଡ଼ିବାକୁଥିବା ବିଶେଷ ଟ୍ରେନ ହାଓଡ଼ା ଠାରେ ସନ୍ଧ୍ୟା ୭ଘ.୫୫ମି. ପରିବର୍ତେ ସନ୍ଧ୍ୟା ୭ଘ.୫୦ମି.ରେ ପହଂଚିବ ।୦୨୮୦୭/୦୨୮୦୮ ସାନ୍ତ୍ରାଗାଛି-ଚେନ୍ନାଇ ସେଂଟ୍ରାଲ୍-ସାନ୍ତ୍ରାଗାଛି ବିଶେଷ ଟ୍ରେନ ସାନ୍ତ୍ରାଗାଛିରୁ ଏପ୍ରିଲ ମାସ ୨ ତାରିଖ ଠାରୁ ସନ୍ଧ୍ୟା ୫ଘ.୫୫ମି. ପରିବର୍ତେ ସନ୍ଧ୍ୟା ଛଅ ଘଟିକାରେ ଛାଡିବ ଏବଂ ଚେନ୍ନାଇ ସେଂଟ୍ରାଲରୁ ଏପ୍ରିଲ ମାସ ପହିଲା ଠାରୁ ଛାଡ଼ିବାକୁଥିବା ବିଶେଷ ଟ୍ରେନ ହାଓଡ଼ା ଠାରେ ପୂର୍ବାହ୍ନ ୧୦ଘ.୫୦ମି. ପରିବର୍ତେ ପୂର୍ବାହ୍ନ ୧୦ଘ.୪୫ମି.ରେ ପହଂଚିବ ।୦୨୮୩୭/୦୨୮୩୮ ହାଓଡ଼ା-ପୁରୀ-ହାଓଡ଼ା ବିଶେଷ ଟ୍ରେନ ଉଭୟ ଦିଗରୁ ଏପ୍ରିଲ ମାସ ପହିଲା ଠାରୁ ହାଓଡ଼ା ଠାରୁ ରାତ୍ରି ୧୦ଘ.୩୫ମି. ପରିବର୍ତେ ରାତ୍ରି ୧୦ଘ.୪୦ମି.ରେ ଛାଡିବାକୁ ଥିବାବେଳେ ଏହା ହାଓଡ଼ା ଠାରେ ଭୋର ୪ଘ.୪୫ମି. ପରିବର୍ତେ ଭୋର ୪ଘ.୪୦ମି.ରେ ପହଂଚିବ ।ଜସିଡିହ-ତାମ୍ବରମ ବିଶେଷ ଟ୍ରେନ ସେବା ଅବଧିରେ ପରିବର୍ତନ ।୦୨୩୭୬/୦୨୩୭୫ ଜସିଡିହ-ତାମ୍ବରମ୍-ଜସିଡିହ ବିଶେଷ ଟ୍ରେନ ଜସିଡିହରୁ ୧୪ ଏପ୍ରିଲରୁ ୩୦ ଜୁନ୍, ୨୦୨୧ ମଧ୍ୟରେ ଏବଂ ତାମ୍ବରମରୁ ୧୭ ଏପ୍ରିଲରୁ ୩ ଜୁଲାଇ, ୨୦୨୧ ମଧ୍ୟରେ ଚଳାଚଳ କରିବ । ଏହି ଟ୍ରେନର ସ୍ଥିରୀକୃତ ବିଭିନ୍ନ ଷ୍ଟେସନ ଠାରେ ସମୟ ସାରଣୀ ଏବଂ ରହଣି ସ୍ଥାନରେ କୌଣସି ପରିବର୍ତନ ହେବନାହିଁ ।

# ଘରେ ପହଂଚିବ ଯୋଗ : ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀର ଅଭିନବ ପ୍ରୟାସ

ଭୁବନେଶ୍ୱର: ଏଣିକି ଘରେ ପହଂଚିବ ଯୋଗ । ଘରକୁ ଘର ବୁଲି ଯୋଗ ଶିଖାଇବେ ଅଭିଜ୍ଞ ତାଲିମପ୍ରାପ୍ତ ଯୋଗ ଶିକ୍ଷକ । ଯୋଗ ଶିକ୍ଷାର ମହତ୍ୱ ଏହାର ଉପକାରିତାକୁ ବ୍ୟାପକ ରୂପେ ପ୍ରଚାର, ପ୍ରସାର ଓ ଲୋକାଭିମୁଖୀ କରିବା ପାଇଁ ଶିବାନନ୍ଦ ଯୋଗ ବେଦାନ୍ତ ଏକାଡ଼େମୀ ଏହି ଅଭିନବ ପ୍ରୟାସର ଶୁଭାରମ୍ଭ କରିଛି । ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ ଯେଉଁଠି ରୋଗୀ ନିଜର ରୋଗ ଉପଶମ ପାଇଁ ଡ଼ାକ୍ତରଙ୍କ ପାଖରେ ହେଉ କି ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲରେ ହେଉ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସର୍ବସ୍ୱାନ୍ତ ହୋଇ ରୋଗ ଭଲ ହୋଇନଥାଏ । ମନେରଖିବା ଉଚିତ୍ ଯୋଗ ଏକମାତ୍ର ସାଧନ ଯାହା ଦ୍ୱାରା ଅନେକ ଦୂରାରୋଗ୍ୟକୁ ସାଧ୍ୟ କରାଯିବାର ଦୃଷ୍ଟାନ୍ତ ରହିଛି । ପୁରାଣ ପୃଷ୍ଠାରୁ ଜଣାପଡ଼େ ଅତୀତରେ ମୁନିଋଷିମାନେ ଯୋଗ ଦ୍ୱାରା ଦୀର୍ଘାୟୁପ୍ରାପ୍ତି ଓ ସୁସ୍ଥ ଜୀବନ ଜୀଇଁବାର ସୂତ୍ର ପାଇବାର ଅନେକ ଦୃଷ୍ଟାନ୍ତ ରହିଛି ।ସମ୍ପ୍ରତି ଯୋଗ ପ୍ରତି ଧୀରେ ଧୀରେ ଲୋକମାନଙ୍କ ଆଦର ବଢୁଥିଲେ ମଧ ଅଭିଜ୍ଞ, ତାଲିମପ୍ରାପ୍ତ ଯୋଗ ଶିକ୍ଷକ ମାନଙ୍କର ଯଥେଷ୍ଟ ଅଭାବ ଆମ ରାଜ୍ୟରେ ରହିଛି । ଯୋଗ ଶିକ୍ଷକ ସୃଷ୍ଟି ଦିଗରେ ଶିବାନନ୍ଦ ବେଦାନ୍ତ ଏକାଡ଼େମୀ ରାଜ୍ୟର ଏକ ଅଗ୍ରଣୀ ଓ ପ୍ରମୁଖ ଶିକ୍ଷାନୁଷ୍ଠାନ । ଯାହା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ । ଏବେ ଏକାଡ଼େମୀ ତାଲିମପ୍ରାପ୍ତ ଅଭିଜ୍ଞ ମହିଳା ଓ ପୁରୁଷ ଯୋଗ ଶିକ୍ଷକ ଗଢିବାରେ ଅହରହ ଉଦ୍ୟମ ଜାରି ରଖିଛି । ସମ୍ପ୍ରତି ବାର୍ଦ୍ଧକ୍ୟ ଅବସ୍ଥାରେ ଯୋଗ, ପିଲାମାନଙ୍କ ପାଇଁ ଯୋଗ, ରୋଗ ପାଇଁ ଯୋଗ ଏବଂ ଓଜନ ହ୍ରାସ ପାଇଁ ଯୋଗ ଇତ୍ୟାଦି କ୍ଷେତ୍ରରେ ସେବା ଯୋଗାଇବା ପାଇଁ ଦୈନିକ ଯୋଗ ଶିକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ବୋଲି ଏକାଡ଼େମୀର ଅଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି ।

## ଝାରସୁଗୁଡା ପୋଲିସ ଦ୍ୱାରା ଆଉ ଏକ ସାଇବର ଠକ ଗ୍ୟାଙ୍ଗର ପର୍ଦାଫାସ

ଝାରସୁଗୁଡା : ପୁଣି ଏକ ସାଇବର ଠକ ଗ୍ୟାଙ୍ଗକୁ ଗିରଫ କରିଛି ଝାରସୁଗୁଡା ପୁଲିସ । ଏହି ଗ୍ୟାଙ୍ଗର ୩ ଜଣକୁ ପୁଲିସ ସୁନ୍ଦରଗଡ ଜିଲ୍ଲା ଲେଫରିପଡା ଥାନା ଅଂଚଳରୁ ଗତକାଲି ରାତିରେ ଗିରଫ କରିଛି । ସେମାନଙ୍କଠାରୁ ୯ଟି ମୋବାଇଲ ଫୋନ ଏବଂ ଅନ୍ୟ ଜିନିଷପତ୍ର ଜବତ କରିଥିବାବେଳେ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ଗିରଫ ଅଭିଯୁକ୍ତମାନେ ଝାରଖଣ୍ଡ ଗିରିଡି ଅଂଚଳର ଗୁଡ୍ଡୁଲାଲ ରାଣା(୨୬), ପପ୍ପୁ ରାଣା(୩୨), ଗୋପାଲ ରାଣା(୩୪) ଏବଂ ଫେରାର ହୋଇଥିବା ଅଭିଯୁକ୍ତ ଜଣକ ବିର୍ଜୁ ରାଣା ବୋଲି ଝାରସୁଗୁଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିକାଶ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ବେଲାପାହଡ ଗାନ୍ଧିନଗରରେ ରହୁଥିବା ଜଣେ ରେଳବାଇ କର୍ମଚାରୀ ଶିବାସିସ କର୍ମାକରଙ୍କ ନିକଟକୁ ଏହି ଠକମାନେ ଗତ ମାର୍ଚ୍ଚ ୨୨ ତାରିଖ ଫୋନ କରି ଆପଣ ଫୋନ ପେରେ ୧୯ଶହ ଟଙ୍କାର ଲଟେରୀ ଜିତିଛନ୍ତି ବୋଲି କିହିଥିଲେ ।

## ପୁଣି ଧାମନଗରକୁ ଫେରିଲା କରୋନା:୨ ଦିନରେ ୬ ଆକ୍ରାନ୍ତ ଚିହ୍ନଟ

ଭଦ୍ରକ: ଦୀର୍ଘ କିଛି ମାସ ପରେ ଏବେ ପୁଣି ଧାମନଗର ଅଂଚଳରୁ କରୋନା ସଂକ୍ରମଣ ଚିହ୍ନଟ ହେବାରେ ଲାଗିଛି । ଗତକାଲି ଧାମନଗରରୁ ୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଆଜି ପୁଣି ୩ଜଣ ଚିହ୍ନଟ ହୋଇଛନ୍ତି । ଗତକାଲି ଧାମନଗରରେ ୧୧୦ ଜଣଙ୍କ ପରୀକ୍ଷାରୁ ୨ଜଣ ଧାମନଗର କୃଷି ବିଭାଗର କର୍ମଚାରୀ ଥିବା ବେଳେ ଜଣେ ନଦୀଗାଁ ପଂଚାୟତରୁ ଚିହ୍ନଟ ହୋଇଥିବା ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ନଦୀଗାଁର ଆକ୍ରାନ୍ତ ଝାଡଖଣ୍ଡରୁ ଫେରିଥିବା କୁହାଯାଇଛି । ସେହିପରି ଆଜି ୧୦୬ ଜଣଙ୍କ ପରୀକ୍ଷାରୁ ୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ସିଏମ ନୀତିଶଙ୍କ ଅଧ୍ୟକ୍ଷତାରେ କୋଭିଡ଼ -୧୯ ସହ ଜଡ଼ିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ପାଟନା: ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ନିତୀଶ କୁମାର ସମସ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଏସପି-ଏସପିଙ୍କ ସହ କୋଭିଡ଼-୧୯ ସହ ଜଡ଼ିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ମୁଖ୍ୟ ଶାସନ ସଚିବାଳୟରେ ଆଲୋଚନା କରିଛନ୍ତି । ଏହି ବୈଠକରେ କରୋନାର ବଢୁଥିବା ମାମଲାକୁ ଦୃଷ୍ଟିରେ ରଖବ ସମଗ୍ର ରାଜ୍ୟରେ ସର୍ବାଧିକ ସଂଖ୍ୟକ ପରୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ, କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ ଆଗଧାଡ଼ିର କର୍ମଚାରୀ ଏବଂ ସ୍ୱାସ୍ଥ୍ୟ ସେବା କର୍ମଚାରୀମାନେ ସମ୍ପୃକ୍ତ ସମସ୍ତଙ୍କ କରୋନା ପରୀକ୍ଷା କରିବା ଉଚିତ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ମଧ୍ୟ ସେମାନଙ୍କ ସହ ଯୋଗାଯୋଗ କରିବା ଉଚିତ୍ । ନିତୀଶ କୁମାର କହିଛନ୍ତି ଯେ, ଦେଶର ଅନ୍ୟ ରାଜ୍ୟରେ କରୋନା ସଂକ୍ରମଣ ମାମଲା ଦ୍ରୁତ ଗତିରେ ବ୍ୟାପୁଛି । ସେହି ରାଜ୍ୟ ଗୁଡ଼ିକର ଲୋକମାନେ ବିହାରକୁ ଫେରିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ବ୍ଲକ୍ ସ୍ତରରେ କ୍ୱାରେନଟାଇନ୍ କେନ୍ଦ୍ରର ବ୍ୟବସ୍ଥା ପ୍ରସ୍ତୁତ ରଖନ୍ତୁ । ବୈଠକରେ କରୋନା ମାମଲା କାହିଁକି ବଢୁଛି ତାହା ଆକଳନ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । କେଉଁ କ୍ଷେତ୍ରରେ ନୂଆ ମାମଲା ଏବଂକିଏ ସେଠାକୁ ଆସିଛନ୍ତି, ବାହାରୁ ଆସୁଥିବା ଲୋକ ଏବଂ ସେମାନଙ୍କ ସହିତ ଯୋଗାଯୋଗ କରୁଥିବା ଲୋକଙ୍କ ଉପରେ ମଧ୍ୟ ନଜର ରଖ । ପୂର୍ବ ଅନୁଭୂତି ଉପରେ ଆଧାର କରି ସଂକ୍ରମଣର କାରଣ ବିଶ୍ଳେଷଣ କରିବାକୁ ରଣନୀତି ସହିତ କାର୍ଯ୍ୟ କରନ୍ତୁ ।ନୀତିଶ କୁମାର କହିଛନ୍ତି ଯେ, କେବଳ ସୀମିତ ସଂଖ୍ୟକ ଲୋକ ସାଧାରଣ କାର୍ଯ୍ୟକ୍ରମରେ ଯୋଗଦେବେ ଏବଂ କରୋନା ଗାଇଡ଼ଲାଇନକୁ କଡ଼ାକଡ଼ି ପାଳନ କରିବା ଉଚିତ୍ । ଲୋକମାନେ ଧାର୍ମିକ ସ୍ଥାନ, ଜନଗହଳି ପୂର୍ଣ୍ଣ ସ୍ଥାନରେ ବିଶେଷ ସଜାଗ ରହିବା ଉଚିତ୍ । କରୋନା ପ୍ରତି ସଜାଗ ରହିବାକୁ, କରୋନା ଗାଇଡ୍ ଲାଇନକୁ ଅନୁସରଣ କରିବାକୁ, ମାସ୍କ ବ୍ୟବହାର କରିବାକୁ, ନିଜ ମଧ୍ୟରେ ଦୂରତା ରଖିବାକୁ ଏବଂ ସର୍ବଦା ହାତ ଧୋଇବାକୁ ସେ ଲୋକମାନଙ୍କୁ ନିବେଦନ କରିଥିଲେ । ରାଜ୍ୟରେ ଅଧିକ ଜନସଂଖ୍ୟା ଅଛି ବୋଲି ମଧ୍ୟ ସେ କହିଛନ୍ତି । ଆଗାମୀ ଆହ୍ୱାନକୁ ଧ୍ୟାନରେ ରଖି ବିପର୍ଯ୍ୟୟ ପରିଚାଳନା ବିଭାଗ ସଜାଗ ରହିବା ଉଚିତ ।କୋଭିଡ୍-୧୯ ଟୀକାକରଣକୁ ଦ୍ରୁତ ଗତିରେ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ଟୀକାକରଣ ପାଇଁ ଲୋକଙ୍କୁ ସତର୍କ ରଖନ୍ତୁ । ନିତୀଶ କହିଛନ୍ତି ଯେ, ଏଇଏସ୍ ଏବଂ ଜାପାନିଜ୍ ଏନସଫୋଲାଇଟିସ୍ ରୋଗ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବା ଉଚିତ । ବୈଠକ ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ସଚିବ ସୁପ୍ରିୟା ଅମୃତ ଏକ ଉପସ୍ଥାପନା ମାଧ୍ୟମରେ ରାଜ୍ୟରେ କରୋନା ସଂକ୍ରମଣର ନୂତନ ସ୍ଥିତି ସମ୍ପର୍କରେ ସୂଚନା ଦେଇଛନ୍ତି ।ବିହାରରେ ସକ୍ରିୟ କରୋନା ମାମଲା ୪,୧୪୩ ରେ ପହଂଚିଛି । ବିହାରରେ ଗତ ୨୪ ଘଂଟା ମଧ୍ୟରେ କରୋନା ଅନିୟନ୍ତ୍ରିତ ହୋଇଯାଇଛି । ବିହାରରେ କରୋନାର ଦ୍ୱିତୀୟ ତରଙ୍ଗରେ ସଂକ୍ରମିତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି । କେବଳ ପାଟନାରେ ୧,୮୮୧ ସକ୍ରିୟ ମାମଲା ଥିବା ବେଳେ ରାଜ୍ୟରେ ବର୍ତମାନ ସକ୍ରିୟ ମାମଲା ସଂଖ୍ୟା ୪୧୪୩କୁ ବୃଦ୍ଧି ପାଇଛି ।




# ଖବର ପ୍ରସାରଣ ପରେ ପ୍ରଶାସନିକ ତତ୍ପରତା, ଅଚଳ ନଳକୂପକୁ ମରାମତି କଲା ଜନସ୍ୱାସ୍ଥ୍ୟ ବିଭାଗ



ଯୋଡା: ଅପ୍ରେଲ ମାସରୁ ପ୍ରଚଣ୍ଡ ଗ୍ରୀଷ୍ମଲହରୀ ଜାରି ରହିଛି । ଏଥିସହ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ କରିପକାଉଛି । ତାହା ସାଙ୍ଗକୁ ଭୂତଳ ଜଳସ୍ତର କମିଯିବାରୁ ବିଭିନ୍ନ ଅଞ୍ଚଳ ଗୁଡିକରେ ଥିବା ନଳକୂପ ଗୁଡିକରୁ ପାଣି ବାହାରୁନି । ଏବେ ଗ୍ରୀଷ୍ମଋତୁରେ ପ୍ରଚଣ୍ଡ ଖରା ସାଙ୍ଗକୁ ପାନୀୟଜଳର ସଂକଟ ଲୋକଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏହି ପରିପ୍ରେକ୍ଷୀରେ ଯୋଡା ସହରାଞ୍ଚଳ ଅଧୀନ ବନେଇକଳା ବସ୍ତିରେ ଦୀର୍ଘଦିନ ଧରି ଅଚଳ ହୋଇପଡିଥିବା ନଳକୂପକୁ ମରାମତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ହୋଇଥିଲା । ଯୋଡା ପୌରାଞ୍ଚଳ ଅଧୀନ ବିଭିନ୍ନ ୱାର୍ଡରେ ଗଭୀର ନଳକୂପ ଗୁଡିକୁ ମରାମତି କରାନଯିବା ଫଳରେ ଅଚଳ ଅବସ୍ଥାରେ ଦୀର୍ଘଦିନ ଧରି ପଡିରହିଥିଲା । ଲୋକମାନେ ପାଣି ମୁନ୍ଦାଏଁ ପାଇଁ ଛଟପଟ ହେଉଥିବା ବେଳେ ଭୂତଳ ଜଳସ୍ତର କମିଯିବା କାରଣରୁ ବହୁ ସ୍ଥାନରେ ଜଳଉତ୍ସ ଶୁଖିଯିବାକୁ ବସିଲାଣି । ଫଳରେ ପାନୀୟ ଜଳ ସମସ୍ୟା ଦ୍ୱିଗୁଣିତ ହୋଇଛି । ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ପରେ ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନଳକୂପ ଗୁଡିକର ମରାମତି ଦିଗରେ ତତ୍ପରତା ପ୍ରକାଶ ପାଇଥିବା ଦେଖାଯାଇଛି । କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ୨ ନଂ ୱାର୍ଡ ବନେଇକଳା ବସ୍ତି ଗୋଷ୍ଠୀ ଶୌଚାଳୟକୁ ରାସ୍ତା ଯାଇଥିବା ପାଖରେ ଏକ ନଳକୂପ ଓ ସେହି ବସ୍ତିର ଠାକୁରାଣୀ ଶାଳ ନିକଟରେ ଆଉ ଏକ ନଳକୂପ ଦୀର୍ଘ ଦିନ ହେବ ଅଚଳ ହୋଇ ପଡିରହିଥିବାରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହୋଉଥିବା ନେଇ ବିଭିନ୍ନ ଗଣମାଧମରେ ପ୍ରକାଶ ପାଇବା ପରେ ଜନସ୍ୱାସ୍ଥ୍ୟ ବିଭାଗ(ପିଏଚଡି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ପାନୀୟ ଜଳ ସଂକଟ ଦୂର ନିମନ୍ତେ ପୂର୍ବରୁ ଖନନ ହୋଇଥିବା ନଳକୂପ ମରାମତି ନିତ୍ୟାନ୍ତ ଜରୁରୀ ହୋଇ ପଡିଥିବା ବେଳେ ଯୋଡା ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ମନଜ କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ କହ୍ନେଇ ଟୁଡୁ ଉପସ୍ଥିତିରେ ଅନ୍ୟ କର୍ମଚାରୀ ମାନେ ଅଚଳ ହୋଇପଡିଥିବା ୨ ଟି ନଳକୂପର ମରାମତି କରିଥିଲେ । ବସ୍ତିରେ ଥିବା ୨ଟି ନଳକୂପରୁ ପାଣି ବାହାରିବାରୁ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା । ପାନୀୟଜଳ ସମସ୍ୟା ଉପରେ ବସ୍ତି ବାସିନ୍ଦା ଜନସ୍ୱାସ୍ଥ୍ୟ ବିଭାଗକୁ ଅଭିଯୋଗ କରୁଥିଲେ ମଧ କୌଣସି ସୁଫଳ ମିଳୁନଥିଲା । ଶେଷରେ ଗଣମାଧମର ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ଜନସ୍ୱାସ୍ଥ୍ୟ ବିଭାଗର ଚେତା ପଶିଥିଲା ଏବଂ ବସ୍ତିରେ ଥିବା ନଳକୂପକୁ ମରାମତି କରିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିଥିଲେ । ସୂଚନାଯୋଗ୍ୟ,ଓଡିଶାର ପ୍ରାଚୁର୍ଯ୍ୟ ଖଣି ସମ୍ପଦ ଭରା କେନ୍ଦୁଝର ଜିଲ୍ଲାର ଯୋଡା ପୌରାଞ୍ଚଳରେ ଚଳିତ ଗ୍ରୀଷ୍ମଋତୁରେ ପାନୀୟ ଜଳ ସଂକଟ ଗୁରୁତର ରୂପ ଧାରଣ କରିବାର ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗର ନଳକୂପ ମରାମତି ଫଳରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ପାନୀୟ ଜଳ ସଂକଟରୁ କିଛିମାତ୍ରାରେ ତ୍ରାହି ପାଇବା ସହ ପାନୀୟ ଜଳ ସମସ୍ୟା ଦୂର ହୋଇପାରିଛି ବୋଲି ସ୍ଥାନୀୟ ମହଲରେ ଆଲୋଚନା ହୋଇଛି । ସେହିପରି ସରକାରୀ ଯୋଜନାରେ ସାମିଲ କରି ପ୍ରତି ଘରକୁ ପାଇପ ଯୋଗେ ପାଇପ ଲାଇନ ବିଛାଯାଇଥିବା ମାଳମାଳ ପାଇପ ଲାଇନରେ ପାଣି ଆସୁନଥିବା ଯୋଗୁଁ ସ୍ଥାନୀୟ ଲୋକେ ପାନୀୟ ଜଳ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏହି ପାଇପ ଲାଇନରେ ପାନୀୟ ଜଳ ଯୋଗାଣ କରିବା ନିମନ୍ତେ ସ୍ଥାନୀୟ ୱାର୍ଡବାସୀ ଦାବି ଜଣାଇଛନ୍ତି ।

## ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ନେସ୍କୋ ଅଫିସ୍ ଘେରାଉ

ଆନନ୍ଦପୁର: ନେସ୍କୋ ଭଳି ଏକ ଜରୁରୀ ସଂସ୍ଥାକୁ ଘରୋଇଗରଣ ଓ ଆରମ୍ଭରୁ ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଆନନ୍ଦପୁର ନେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି । ଘଷିପୁରା ବ୍ଲକ କଂଗ୍ରେସ ସଭାପତି ସୁବ୍ରତ ଚକ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଓ କର୍ମକର୍ତ୍ତାମାନେ ଏକ ନିରବ ଶୋଭାଯାତ୍ରାରେ ଆସି ନେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଆନ୍ଦୋଳନ ପ୍ରତିବାଦ ସଭାରେ ଦିଲ୍ଲୀପ ଜେନାଙ୍କ ସଂଯୋଜନାରେ କେନ୍ଦୁଝର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ରତିକାନ୍ତ ବରାଳ, ଯୁବ କଂଗ୍ରେସ ସଭାପତି ଚିତ୍ତରଂଜନ ପରିଡା, ବରିଷ୍ଠ ନେତା ବୈକୁଣ୍ଠ ମହାନ୍ତି, କଳାକାର ନାୟକ, ନିରନ ଜେନା, ଅନନ୍ତ ନାରାୟଣ ଜେନା, ନିରାକାର ମହାନ୍ତି, ତ୍ରିଲୋଚନ ପରିଡା, ଅଭିମନ୍ୟୁ ନାଥ, ପ୍ରଶାନ୍ତ ପାଇ ପ୍ରମୁଖ ରାଜ୍ୟ ସରକାର ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଓ ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ସାଧାରଣ ଲୋକଙ୍କୁ ଶୋଷଣ କରୁଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଦୀପୁ ଚକ୍ର, ଅଜିତ ପଟ୍ଟନାୟକ, ରିଙ୍କୁ ପରିଡା, ନିରାକାର ସାହୁ, ପିଙ୍କୁଳ ଜେନା, ତାରିଣୀ ପଟ୍ଟନାୟକ, ଦୈତାରୀ ମହାକୁଡ, ଦିଲ୍ଲୀପ ପଣ୍ଡା, ବଲ୍ଲଭ ସାହୁ, ଦିଲ୍ଲୀପ ରାଉତ ପ୍ରମୁଖ ଏହି ସଭାରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରିଥିଲେ । ପରେ ବ୍ଲକ କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ନେସ୍କୋ ନିର୍ବାହୀ ଯନ୍ତ୍ରୀ ଚିତ୍ତରଂଜନ ମିସ୍ତ୍ରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

## ଅଂଶୁଘାତ ଦାଉରୁ ରକ୍ଷା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି: ମାଲକାନଗିରି ମହାବିଦ୍ୟାଳୟ ଜିଲ୍ଲା ରେଡ୍‌କ୍ରସ ଜାତୀୟ ସେବା ସଂସ୍ଥା ଓ ଏନସିସିର ମିଳିତ ଆନୁକୂଲ୍ୟରେ ଅଂଶୁଘାତ ଦାଉରୁ ରକ୍ଷା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ସଭାରେ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଯୁବ ରେଡ୍‌କ୍ରସର ଜିଲ୍ଲା ସଂଯୋଜକ ଡଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ସଂସ୍ଥାର ଯୋଜନା ଅଧିକାରୀ ପ୍ରମୀୟ କୁମାର ମହାନ୍ତି ଯୋଗଦାନ କରି ଅଂଶୁଘାତ ପ୍ରତି ସାବଧାନ ରହିବା ଉପରେ ଆଲୋକପାତ କରିଥିଲେ । ପିଲା ମାନଙ୍କୁ ଏନେଇ ସଚେତନ କରାଯିବା ସହିତ ଏକ ର୍‌ୟାଲିର ଆୟୋଜନ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ କରାଯାଇଥିଲା । ଇଂରାଜୀ ବିଭାଗର ଅଧାପକ ଉମେଶ ଚନ୍ଦ୍ର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଂଶୁଘାତ ଓ ବଜ୍ରପାତ ଉପରେ ସଚେତନ ରହିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ବିଶେଷ କରି ଟାଣ ଖରାରେ ପଦାକୁ ନବାହାରିବାକୁ, ଖରାରେ କଠିନ ପରିଶ୍ରମ ନକରିବାକୁ, ବାହାରକୁ ଯିବା ସମୟରେ ପାଣି ବୋତଲ ସାଙ୍ଗରେ ନେବା, ପ୍ରଚୁର ପରିମାଣର ଓଆରଏସ ପିଇବା, ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ତୁରନ୍ତ ନିକଟସ୍ଥ ଡ଼ାକ୍ତରଖାନାକୁ ନେଇ ତାଙ୍କର ଚିକିତ୍ସା କରାଇବା ପାଇଁ ପରାମର୍ଶ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ପ୍ରମୋଦ କୁମାର ବେହେରା, ଈଶ୍ୱର ରାଓ ଏବଂ ଯୁବ ରେଡ୍‌କ୍ରସର ସ୍ୱେଚ୍ଛାସେବୀ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶେଷରେ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଗୌତମ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ'ରେ ସଚେତନତା କାର୍ଯ୍ୟକ୍ରମ

ଯୋଡା: ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଟାଟାଷ୍ଟିଲର କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ ସଂସ୍ଥା ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ବୁଧବାର ଦିନ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ଉପଲକ୍ଷେ ଯୋଡ଼ାଠାରେ ଦୁଇଟି ସଚେତନତା ଅଧିବେସନ ଆୟୋଜିତ ହୋଇଯାଇଛି । ରିସ୍ତା ପ୍ରକଳ୍ପ ଅନ୍ତର୍ଗତ ଯୋଡ଼ା ପୌରପାଳିକାର କୋଇଲା ହଟିଂ ଓ ମୁଖର୍ଜୀ ହଟିଂରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବବର୍ଗ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଛାତ୍ରଛାତ୍ରୀମାନଙ୍କୁ ମିଶାଇ ୬୦ରୁ ଊର୍ଦ୍ଧ୍ୱ ଜଣ ଅଂଶଗ୍ରହଣ କରିଥିଲେ । କୋଭିଡ-୧୯ ସହିତ ଋତୁକାଳୀନ ସ୍ୱାସ୍ଥ୍ୟ ସମସ୍ୟା ଯଥା ଅଂଶୁଘାତ, ଝାଡ଼ା ବାନ୍ତି, ଚର୍ମ ରୋଗ ଇତ୍ୟାଦି ସମ୍ପର୍କରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ସଚେତନତା ସ୍ତରକୁ ବୃଦ୍ଧି କରିବା ଲକ୍ଷ୍ୟରେ ଏହି ସଚେତନତା ଅଧିବେସନର ଆୟୋଜନ କରାଯାଇଥିଲା । ଏଠାରେ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ ସମ୍ବୋଧନ କରି ଟାଟା ଷ୍ଟିଲ ଫାଉଣ୍ଡେସନ୍‌ର ଡଃ ଅନମୋଲ ଟିଗା କହିଥିଲେ ଯେ, ନ୍‌କୋଭିଡ-୧୯ର ପ୍ରଭାବ ଶେଷ ହୋଇନାହିଁ । ଏବେବି ଏହି ମହାମାରୀ ସହିତ ସଂଗ୍ରାମ ଜାରି ରହିଛି ଓ କୋଭିଡ ନିୟମ ପାଳନ ଏହାକୁ ପ୍ରତିରୋଧ କରିବାର ଶ୍ରେଷ୍ଠ ଉପାୟ । କୋଭିଡ଼ ନିୟାବଳୀ ପାଳନ ସହିତ ଏହା ସମ୍ପର୍କରେ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରିବା ଯୁବବର୍ଗଙ୍କ ଦାୟିତ୍ୱନ୍ତ । ଏହାସହିତ ଡଃ ଟିଗା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କ ଅଞ୍ଚଳରେ ୪୫ କିମ୍ବା ତଦୁର୍ଦ୍ଧ୍ୱ ବୟସର ଲୋକମାନଙ୍କୁ କୋଭିଡ଼ ଟିକା ନେବା ଉପରେ ସଚେତନ କରିବାକୁ ଅନୁରୋଧ କରିଥିଲେ । ଖଣ୍ଡବନ୍ଧରେ ମଧ ସମାନ ପ୍ରକାର ସଚେତନତା ଅଧିବେସନର ଆୟୋଜନ କରାଯିବା ସହିତ କିଶୋର କିଶୋରୀମାନଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ, ଏକ ଆନ୍ତର୍ଜାତୀୟ ସଚେତନତା ଦିବସ ରୂପେ ପ୍ରତ୍ୟେକ ବର୍ଷ ଏପ୍ରିଲ ୭ ତାରିଖକୁ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ଭାବେ ପାଳନ କରାଯାଉଛି । ୧୯୪୮ ମସିହାରେ ପ୍ରଥମ ସ୍ୱାସ୍ଥ୍ୟ ସମାବେଶ ଓ ୧୯୫୦ ମସିହାରେ ଏହାକୁ କାର୍ଯ୍ୟକାରୀ କରିବା ଦିନଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟବସ୍ତୁ ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ଦିବସକୁ ପାଳନ କରାଯାଉଛି । ଚଳିତ ବର୍ଷ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ର ବିଷୟବସ୍ତୁ ହେଉଛି 'ସମସ୍ତଙ୍କ ପାଇଁ ଏକ ସୁନ୍ଦର ଓ ସୁସ୍ଥ ବିଶ୍ୱର ଗଠନ', ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସିଦ୍ଧାନ୍ତ ନ୍‌ଜାତି, ଧର୍ମ, ରାଜନୈତିକ ବିଚାର, ଅର୍ଥନୈତିକ କିମ୍ବା ସାମାଜିକ ଅବସ୍ଥା' ନିର୍ବିଶେଷରେ ଉଚ୍ଚମାନର ସ୍ୱାସ୍ଥ୍ୟ ମାନକର ଆନନ୍ଦ ନେବା ପ୍ରତ୍ୟେକ ବ୍ୟକ୍ତିଙ୍କ ଅନ୍ୟତମ ମୌଳିକ ଅଧିକାରନ୍ତକୁ ପରିପ୍ରକାଶ କରୁଛି ।

## ଆନନ୍ଦପୁର ନଗର ମଣ୍ଡଳ ଭାଜପା ପକ୍ଷରୁ ୪୧ତମ ପ୍ରତିଷ୍ଠା ଦିବସ ପାଳନ

ଆନନ୍ଦପୁର: ଆନନ୍ଦପୁର ନଗର ମଣ୍ଡଳ ଭାଜପା ପକ୍ଷରୁ ୬ତାରିଖ ମଙ୍ଗଳବାର ଦିନ ବ୍ରିଜ୍ ଛକ ନିକଟସ୍ଥ ଭାଜପା କାର୍ଯ୍ୟାଳୟ ଠାରେ ୪୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ୧୯୮୦ ମସିହା ଅପ୍ରେଲ ୬ତାରିଖ ଦିନ ଭାରତୀୟ ଜନତା ପାର୍ଟି ପ୍ରତିଷ୍ଠା ହୋଇଥିବା ବେଳେ ଭାଜପା ପକ୍ଷରୁ ପ୍ରତ୍ୟେକ ବର୍ଷ ଅପ୍ରେଲ ୬ତାରିଖ ଦିନକୁ ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଉଥିବା ବେଳେ ଆନନ୍ଦପୁର ନଗର ମଣ୍ଡଳ ଭାଜପା ସଭାପତି ପ୍ରଶାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ଭାଜପା କୃଷକ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପାଧକ୍ଷ ମହେଶ୍ୱର ସାହୁ, ପୂର୍ବତନ ଭାଜପା ଜିଲ୍ଲା ସାଧାରଣ ସମ୍ପାଦକ ରାମଚନ୍ଦ୍ର ସାହୁ, ଜିଲ୍ଲା ଉପସଭାପତି ନିରାକାର ଦଳେଇ, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଜ୍ଞପ୍ରସାଦ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଭାରତ ମାତାଙ୍କ ତୈଳ ଫଟୋଚିତ୍ର ସହ ଦିନଦୟାଲ ଉପାଧ୍ୟାୟ ଓ ଆଶୁତୋଷ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଭାରତୀୟ ଜନତା ପାର୍ଟି ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀ, କୁଶଭାଇ ଠାକରେ ଓ ପ୍ରମୋଦ ମହାଜନଙ୍କ ସହ ବହୁ ବରିଷ୍ଠ ଭାଜପା ନେତାଙ୍କ ଉଦ୍ୟମ ଯୋଗୁଁ ୧୯୮୦ ମସିହା ଅପ୍ରେଲ ୬ତାରିଖ ଦିନ ଭାରତୀୟ ଜନତା ପାର୍ଟି ପ୍ରତିଷ୍ଠା ଲାଭ କରିଥିବାର ଭାଜପା ନେତାମାନେ ମତପୋଷଣ କରିଥିଲେ ।

## ଓଡିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)୧୨ଟି କେନ୍ଦ୍ରରେ ପରୀକ୍ଷା ହେବ

କେନ୍ଦୁଝର:କେନ୍ଦୁଝର ଜିଲ୍ଲାର ୧୨ଟି କେନ୍ଦ୍ରରେ ଚଳିତ ମାସ ୯ ତାରିଖରେ ଓଡିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଅନୁଷ୍ଠିତ ହେବ । ଏହି ୧୨ଟି କେନ୍ଦ୍ର ମଧ୍ୟରେ ମୋଟ ୫୩୬୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ସିଟି ତାଲିମ୍‌ପ୍ରାପ୍ତ ପ୍ରାର୍ଥୀମାନେ ଓଟିଇଟି ପ୍ରଥମପତ୍ର ପରୀକ୍ଷା ଦେବାକୁ ଥିବାବେଳେ ସ୍ନାତକ, ବିଏଡ୍ ଯୋଗ୍ୟ ମେଧାବୀ ପ୍ରାର୍ଥୀମାନେ ଓଟିଇଟି ଦ୍ୱିତୀୟପତ୍ର ପରୀକ୍ଷା ଦେବେ । ଜିଲ୍ଲାରେ ପ୍ରଥମ ପତ୍ରରେ ୩୦୧୫ ଏବଂ ଦ୍ୱିତୀୟ ପତ୍ରରେ ୨୩୪୫ ପ୍ରାର୍ଥୀ ପରୀକ୍ଷା ଦେବେ । କୃତକାର୍ଯ୍ୟ ପରେ ସେମାନେ ଯୋଗ୍ୟତା ଶିକ୍ଷକ ପଦବୀ ପାଇଁ ଆବେଦନ କରିପାରିବେ । କେନ୍ଦୁଝର ସବ୍‌ଡିଭିଜନରେ ଥିବା ୯ଟି କେନ୍ଦ୍ର ପାଇଁ ଡି.ଏନ୍. ହାଇସ୍କୁଲ ନୋଡାଲ କେନ୍ଦ୍ର ଭାବେ ବଛାଯାଇଥିବା ବେଳେ ଆନନ୍ଦପୁରରେ ଥିବା ୩ଟି କେନ୍ଦ୍ର ପାଇଁ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର ଭାବେ ଚୟନ କରାଯାଇଛି । କେନ୍ଦୁଝରରେ ହୋଇଥିବା ୧୨ଟି କେନ୍ଦ୍ର ମଧ୍ୟରୁ ଡି.ଏନ୍. ହାଇସ୍କୁଲରେ ପ୍ରଥମପତ୍ରରେ ୩୫୫ ଏବଂ ଦ୍ୱିତୀୟ ପତ୍ରରେ ୩୪୫ଜଣ, ସରସ୍ୱତୀ ବିଦ୍ୟାମନ୍ଦିର କେନ୍ଦୁଝରଗଡରେ ପ୍ରଥମ ପତ୍ରରେ ୩୫୦ଜଣ ଏବଂ ଦ୍ୱିତୀୟ ପତ୍ରରେ ୩୪୦ଜଣ, ଏନ୍.ଏସ୍. ପୋଲିସ ହାଇସ୍କୁଲରେ ପ୍ରଥମ ପତ୍ରରେ ୨୦୦ଜଣ ଏବଂ ଦ୍ୱିତୀୟ ପତ୍ରରେ ୨୦୦ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦୁଝରରେ ପ୍ରଥମ ପତ୍ରରେ ୩୦୦ଜଣ ଏବଂ ଦ୍ୱିତୀୟ ପତ୍ରରେ ୨୯୦ଜଣ, ମୋଚିବନ୍ଧ ନୋଡାଲ ହାଇସ୍କୁଲରେ ପ୍ରଥମ ପତ୍ରରେ ୧୮୦ଜଣ, ଦ୍ୱିତୀୟ ପତ୍ରରେ ୧୮୦ଜଣ, ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଥମ ପତ୍ରରେ ୧୮୦ଜଣ, ଦ୍ୱିତୀୟ ପତ୍ରରେ ୧୮୦ଜଣ, ରାଇସୁଆଁ ନୋଡାଲ ହାଇସ୍କୁଲରେ ପ୍ରଥମ ପତ୍ରରେ ୨୦୦ଜଣ ଏବଂ ଦ୍ୱିତୀୟ ପତ୍ରରେ ୨୦୦ ଜଣ, ମହାଲକ୍ଷ୍ମୀ ନୋଡାଲ ହାଇସ୍କୁଲ ପଦ୍ମପୁରରେ ପ୍ରଥମ ପତ୍ରରେ ୨୦୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ହୋଇଥିବା ବେଳେ ଦ୍ୱିତୀୟ ପତ୍ର ପାଇଁ ସେଣ୍ଟର ହୋଇନାହିଁ । ଜନମଙ୍ଗଳ ନୋଡାଲ ହାଇସ୍କୁଲ ଡିମ୍ବୋରେ କେବଳ ପ୍ରଥମ ପତ୍ରରେ ୨୦୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆନନ୍ଦପୁରରେ ପ୍ରଥମ ପତ୍ରରେ ୩୦୦ଜଣ ଏବଂ ଦ୍ୱିତୀୟ ପତ୍ରରେ ୨୯୦ଜଣ ପରୀକ୍ଷା ଦେବେ । ବିଏନ୍ ହାଇସ୍କୁଲ,ଆନନ୍ଦପୁରରେ ପ୍ରଥମପତ୍ରରେ ୩୫୦ ଜଣ ଏବଂ ଦ୍ୱିତୀୟ ପତ୍ରରେ ୩୨୦ଜଣ ଛାତ୍ରଛାତ୍ରୀ,ସତ୍ୟନାରାୟଣ ହାଇସ୍କୁଲ ପଦ୍ମପୁରରେ କେବଳ ପ୍ରଥମ ପତ୍ରରେ ୨୦୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ଚଳିତ ବର୍ଷ ଅଧିକ ପରୀକ୍ଷା କେନ୍ଦ୍ର କରାଯାଇ କୋଭିଡ୍ ଗାଇଡ୍ ଲାଇନ୍ ଅନୁସାରେ ସାମାଜିକ ଦୂରତା, ପ୍ରତ୍ୟେକ ପରୀକ୍ଷାର୍ଥୀ ମାସ୍କ ପିନ୍ଧି ପରୀକ୍ଷା ଦେବାକୁ ବାଧ୍ୟତାମୂଳକ କରାଯାଇଛି ।

## ଆଦାନି ଡିଏଭି ପବ୍ଲିକ ସ୍କୁଲରେ ପ୍ରତିଷ୍ଠା ଦିବସ ପାଳିତ

ଭଦ୍ରକ: ଧାମରା ଓ ଏହାର ଚତୁଃପାର୍ଶ୍ୱରେ ଗୁଣାତ୍ମକ ଓ ମୂଲ୍ୟବୋଧଭି କ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ତରଫରୁ ଗତ ୨୦୧୨ ମସିହା ଏପ୍ରିଲ ୫ ତାରିଖ ଦିନ ଆଦାନି ଡିଏଭି ପବ୍ଲିକ ସ୍କୁଲ ପ୍ରତିଷ୍ଠିତ ହୋଇଥିଲା । ବିଗତ ୯ ବର୍ଷ ଧରି ଏହି ବିଦ୍ୟାଳୟ ସ୍ଥାନୀୟ ଅ ଳରେ ଶିକ୍ଷାର ପ୍ରାସାରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି । ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଏହି ଅ ଳପାଇଁ ସୁନାମ ଆଣିଦେଇଛନ୍ତି । ସିବିଏସ୍‌ଇ ପରିଚାଳିତ ଦଶମ ପରୀକ୍ଷାରେ ଗତ ବର୍ଷ ଏହି ବିଦ୍ୟାଳୟ ଓଡ଼ିଶା ଜୋନ-୧ ଅନ୍ତର୍ଗତ ସମସ୍ତ ଡିଏଭି ପବ୍ଲିକ ସ୍କୁଲରେ ତୃତୀୟ ସ୍ଥାନ ଅଧିକାର କରି ଏକ ରେକର୍ଡ ପ୍ରତିଷ୍ଠା କରିଛି । ଗତ ଏପ୍ରିଲ ୫ ତାରିଖ ଦିନ ବିଦ୍ୟାଳୟର ପ୍ରେକ୍ଷାଳୟରେ ଏହାର ଦଶମ ପ୍ରତିଷ୍ଠା ଦିବସ ସମାରୋହ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଓଡ଼ିଶା ଜୋନ-୧ ଡିଏଭି ପବ୍ଲିକ ସ୍କୁଲର ଆ ଳିକ ଅଧିକାରୀ ଡଃ କେଶବ ଶତପଥୀ ଓ ବିଦ୍ୟାଳୟର ଡଃ ସୁଜାତା ସାହୁ ଅଧ୍ୟକ୍ଷା ଓ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିଦ୍ୟାଳୟର ଉ ରୋ ର କାମନା କରିଛନ୍ତି । ବିଦ୍ୟାଳୟରେ ଶାନ୍ତି ଓ ପବିତ୍ରତା ରକ୍ଷା ପାଇଁ ଏକ ଯଜ୍ଞ ଆୟୋଜନ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷା କ୍ରିଷ୍ଣାପ୍ରିୟା ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ୱାଳନ ପୂର୍ବକ କାର୍ଯ୍ୟକ୍ରମଟିର ବିଧିବଦ୍ଧ ଭାବରେ ଉଦଘାଟନ କରିବା ପରେ ଶିକ୍ଷକଶିକ୍ଷୟିତ୍ରୀମାନେ ସ୍ୱାମୀ ଦୟାନନ୍ଦ ଓ ମାହାତ୍ମା ହଂସରାଜଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହାପରେ ଶିକ୍ଷୟିତ୍ରୀ ଶାଶ୍ୱତୀ ସାମନ୍ତଙ୍କ ନିର୍ଦ୍ଦେଶନାକ୍ରମେ ବିଦ୍ୟାଳୟ ସମ୍ପର୍କିତ ଏକ ସୁମଧୁର ସଙ୍ଗୀତ ଗାନ କରାଯାଇଥିଲା । ପ୍ରତିଷ୍ଠା ସମୟରେ ବିଦ୍ୟାଳୟର ଯୋଗଦାନ କରିଥିବା ଶିକ୍ଷକ ସାନୁଜ କୁମାର ଜେନା, ଶିକ୍ଷୟିତ୍ରୀ ଗାୟତ୍ରୀ ମହାପାତ୍ର, ନୀତୁ ବାଲା, ମମତା ପଟ୍ଟାୟତ, ରାଜୀବଲକ୍ଷ୍ମୀ ମିଶ୍ର ନିଜ ନିଜର ସ୍ମୃତି ଓ ଅନୁଭୂତି ବଖାଣିଥିଲେ । ଏହାପରେ ବିଦ୍ୟାଳୟ ସମ୍ପର୍କିତ ଏକ ବୃ ଚିତ୍ର ପ୍ରଦର୍ଶନ କରାଯିବା ସହିତ ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କିତ ଏକ ରୋଚକ କ୍ୱିଜ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷା କ୍ରିଷ୍ଣାପ୍ରିୟା ଷଡ଼ଙ୍ଗୀ ନିଜର ବକ୍ତବ୍ୟରେ ଶିକ୍ଷକଶିକ୍ଷୟିତ୍ରୀ ମାନେ ଐକ୍ୟବୋଧ ହୋଇ କଠିନ ପରିଶ୍ରମ ଓ ଅଧବସାୟ ବଳରେ ବିଦ୍ୟାଳୟକୁ ନୂତନ ଶୀର୍ଷରେ ପହ ାଇବାକୁ ଆହ୍ୱାନ ଦେଇଥିଲେ । ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ତସନିମ କୌସର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## କର୍ମଚାରୀଙ୍କୁ ମିଳୁନି ଅନୁଦାନ, ଅନଶନ ନିଷ୍ପତ୍ତି

ହାଟଡିହି: କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ବଉଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧାପକ ଓ ସହକର୍ମଚାରୀମାନେ ୩୦ ବର୍ଷ ହେବ ନିଜର କାର୍ଯ୍ୟ ସୁଚାରୁରୂପେ ତୁଲାଇ ଆସୁଥିଲେ ବି ସେମାନଙ୍କୁ ଅନୁଦାନ ମିଳୁନି । ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ବହୁବାର ଜଣାଇଥିଲେ ମଧ କୌଣସି ସୁଫଳ ମିଳିପାରିନି । ଏପରିକି ଏଠାକାର ଦୁଇ କର୍ମଚାରୀ ଅନୁଦାନକୁ ଅପେକ୍ଷା କରି ମୃତ୍ୟୁବରଣ କରି ସାରିଲେଣି । ଆଉ କେତେକ କର୍ମଚାରୀ ବିନା ଦରମାରେ ଅବସର ମଧ ନେଲେଣି । ଫଳରେ ଅଧାପକ ଓ ସହକର୍ମଚାରୀମାନେ ମହାବିଦ୍ୟାଳୟ ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତା-୧୫.୦୪.୨୦୨୧ରିଖ ଠାରୁ ଆମରଣ ଅନଶନରେ ବସିବେ ବୋଲି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

## ଜମିକୁ ଅକ୍ତିଆର, ପ୍ରତିବାଦ କରିବାକୁ ଦୁର୍ବ୍ୟବହାର ସହ ମାରିଦେବାକୁ ଧମକ, ଥାନାରେ ମାମଲା

ନୂଆପଡ଼ା: ନୂଆପଡା ଜିଲ୍ଲା ଖଡିଆଳ ସହରର ଜନୈକ ବ୍ୟକ୍ତିଙ୍କ ଜମିକୁ ଅନ୍ୟ ଜଣେ ବ୍ୟକ୍ତି ଅକ୍ତିଆର ଉଦ୍ୟମ କରୁଥିବା ବେଳେ ଏହାକୁ ପ୍ରତିବାଦ କରିବାକୁ ତାଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ନେଇ ଖଡିଆଳ ଥାନାରେ ଅଭିଯୋଗ ହୋଇଛି । ଥାନାରେ ଅଭିଯୋଗ ଅନୁସାରେ ଖଡିଆଳ ସହରର ସ୍ନେହଲତା ଦଣ୍ଡସେନାଙ୍କ ଜମିରେ ଅକ୍ତିଆର ଉଦ୍ୟମ କରି କୁଆଡେ ଖଡିଆଳ ସହରର ବ୍ରଜେଶ ଅଗ୍ରୱାଲ, ତାଙ୍କ ସ୍ତ୍ରୀ ବର୍ଷା ଅଗ୍ରୱାଲ ଏବଂ ପୁଅ ମିଶି କାର୍ଯ୍ୟ କରୁଥିଲେ । ଏହାକୁ ନେଇ ସ୍ନେହଲତା ଦଣ୍ଡସେନା ବିରୋଧ କରିଥିଲେ । ବିରୋଧ ପରେ ବ୍ରଜେଶ, ବର୍ଷା ଓ ତାଙ୍କ ପୁଅ ମିଶି ସ୍ନେହଲତାଙ୍କୁ ଦୁର୍ବ୍ୟବହାର କରିବା ସହ ଜୀବନରେ ମାରି ଦେବାକୁ ନେଇ ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ଖଡିଆଳ ଥାନାରେ ୧୧୪/୨୦୨୧ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ଏନେଇ ବର୍ଷା ଅଗ୍ରୱାଲଙ୍କୁ ଯୋଗାଯୋଗ କରିବାରୁ ଏହି ଘଟଣାକୁ ଖଣ୍ଡନ କରି ଆମ ବାଡ ଭିତରକୁ ପଶି ଆସି ମୋର କାର୍ଯ୍ୟରତ ଶ୍ରମିକ ମାନଙ୍କୁ ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରିଥିବା ପ୍ରକାଶ କରିଥିଲେ ।

## ଦୋସିଙ୍ଗାରେ ଅଙ୍ଗନବାଡି ସହାୟିକା ନିଯୁକ୍ତି ନେଇ ହଟଗୋଳ, ସୁପରଭାଇଜରଙ୍କ ଅଶାଳୀନ ମନ୍ତବ୍ୟ ନେଇ ସିଡିପିଓ ଅଟକ

ଭଦ୍ରକ: ଧାମରା ନିକଟସ୍ଥ ଦୋସିଙ୍ଗା ପଂଚାୟତରେ ଥିବା ସମିପାଟିଆ ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ନିଯୁକ୍ତି ନେଇ ସ୍ଥାନୀୟ ଅଧିବାସୀ ଏବଂ ସିଡିପିଓ ମୁହାଁମୁହିଁ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଦୀର୍ଘଦିନ ହେବ ସମିପାଟିଆ ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ପଦବୀ ଫାଙ୍କା ଥିଲା । ଏହି ପଦବୀ ପାଇଁ ପୂର୍ଣ୍ଣିମା ଜେନା ଏବଂ ରଶ୍ମିତା ଜେନା ଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲିଥିଲା । ବିଗତ ଦିନ ମାନଙ୍କରେ ଏହି ପଦବୀ ପୂରଣ ପାଇଁ ମାର୍ଚ୍ଚ ୧୬ ଏବଂ ମାର୍ଚ୍ଚ ୩୧ ତାରିଖରେ ତାରିଖ ଘୋଷଣା ହେବା ପରେ ମଧ୍ୟ ପୁନଶ୍ଚ ଏହି ତାରିଖ ବାତିଲ କରାଯାଇଥିଲା । ଆଜି ଚାନ୍ଦବାଲି ସିଡିପିଓ ଆସି ସମିପାଟିଆ ଅଙ୍ଗନବାଡି କେନ୍ଦ୍ରରେ ପହଂଚି ସହାୟିକା ପଦବୀ ପାଇଁ ମନୋନୟନ କରାଯିବ ବୋଲି କହିଥିଲେ । ଦିନ ୧୧ଟା ସମୟରେ ୬୪ଜଣ ସ୍ଥାନୀୟ ମହିଳା ଆସି ପହଂଚିବା ସହ ରଶ୍ମିତା ଜେନାଙ୍କ ସପକ୍ଷରେ ୧୨ଟି ଭୋଟ ଏବଂ ପୂର୍ଣ୍ଣିମା ଜେନାଙ୍କ ସପକ୍ଷରେ ୫୨ଟି ଭୋଟ ଦେଇଥିଲେ । ଏହାକୁ ନେଇ ଗଣ୍ଡଗୋଳ ଆଶଙ୍କା କରି ସଂପୃକ୍ତ ସିଡିପିଓ ଘଟଣାସ୍ଥଳରୁ ନିକଟରେ ଥିବା ଏକ ଅଙ୍ଗନବାଡି କର୍ମୀଙ୍କ ଘରକୁ ଚାଲିଯାଇଥିଲେ । ଏହି ଘଟଣା ଜାଣିବା ପରେ ସ୍ଥାନୀୟ ଅଧିବାସୀ ସଂପୃକ୍ତ ଅଙ୍ଗନବାଡି କର୍ମୀଙ୍କ ଘରକୁ ଯାଇ ଜିତିଥିବା ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ପାଇଁ ଅଡି ବସିଥିଲେ । ମାତ୍ର ଉପସ୍ଥିତ ଥିବା ସିଡିପିଓ କିଛି ମତାମତ ରଖିବା ପୂର୍ବରୁ କଇଥଖୋଲା ଅଙ୍ଗନବାଡି ସୁପରଭାଇଜର ସ୍ଥାନୀୟ ଲୋକଙ୍କୁ ନାଲି ଆଖି ଦେଖାଇ ଆମ୍ଭେ ଆଜି ଏହି ତାରିଖ ବାତିଲ କରିଦେଲୁ ବୋଲି କହିଥିଲେ । ଏହି କଥାକୁ ନେଇ ସ୍ଥାନୀୟ ଗ୍ରାମବାସୀ ସିଡିପିଓଙ୍କୁ ଅଟକ ରଖିଥିଲେ ।ଏଥିସହ ସହାୟିକା ପଦବୀରେ କିଏ ଜିତିଛି ତାଙ୍କ ନାମ ଘୋଷଣା କରିବା ସହ ଅଶାଳୀନ ମନ୍ତବ୍ୟ ଦେଇଥିବା କଇଥଖୋଲା ସୁପରଭାଇଜରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଡି ବସିଥିଲେ ।

## ଗ୍ୟାରେଜ ମିସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ପୁଣି ୨ କୋର୍ଟ ଚାଲାଣ, ବାଇକ ଉଦ୍ଧାର

କୋରାଇ: ମରଣାନ୍ତକ ଆକ୍ରମଣ ମାମଲାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ପୁଣି ୨ଜଣ ସୁପାରି କିଲର ଗିରଫ ହେବା ସହ ବାଇକ ଉଦ୍ଧାର କରିଛି ପାଣିକୋଇଲି ପୁଲିସ । ପୂର୍ବରୁ ବ୍ୟବସାୟୀକ ଶତ୍ରୁତାର ଏଭଳି ଘଟଣା ଘଟିଥିବା କୁହାଯାଉଛି । ମୁଖ୍ୟ ଅଭିଯୁକ୍ତ କୋରାଇ ଥାନା ବରୁଣ୍ଡାଇ ବାଗଡିଆ ଗ୍ରାମର ନଟବର ଯେନାଙ୍କ ପୁଅ ସଂଜୁ ଓରଫ ସଂଜୟ ଯେନା(୩୨)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ମାମଲାର ଦୁଇ ସୁପରି କିଲର ଭଦ୍ରକ ଜିଲ୍ଲା ଭଦ୍ରକ ଗ୍ରାମାଂଚଳ ଥାନା ରାମକୃଷ୍ଣପୁର ଗ୍ରାମର ବିରେନ୍ଦ୍ର ଖିଲାରଙ୍କ ପୁଅ ଗୌର ଓରଫ ସତ୍ୟବ୍ରତ(୨୫)କୁ ଗିରଫ କରିବା ସହ ତାନିକଟରୁ ଅପହରଣ ହୋଇଥିବା ବାଇକକୁ ଉଦ୍ଧାର କରିବା ସହ ଅନ୍ୟତମ ଅଭିଯୁକ୍ତ କେଉଁଝର ଜିଲ୍ଲା ସୋସୋ ଥାନା ଅନ୍ତର୍ଗତ ବରାଇ ଗ୍ରାମର ରାମଚନ୍ଦ୍ର ନାୟକଙ୍କ ପୁଅ ପ୍ରଶାନ୍ତ ଓରଫ ଦୀନବନ୍ଧୁ(୩୫)କୁ ଗିରଫ କରାଯାଇଥିଲା । ଅଜି ଦୁଇ ସୁପାରି କିଲରଙ୍କୁ ଦଫା ୩୨୩, ୩୨୫, ୫୪୩(ଏ), ୩୭୯, ୩୪ ଆଇପିସିରେ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶଯେ କୋରାଇ ଥାନା ଅନ୍ତର୍ଗତ ବୈତରଣୀରୋଡ ବଜାରରେ ବରୁଣ୍ଡାଇ ଗ୍ରାମର ଚଇନ ବରାଳଙ୍କ ପୁଅ ଗୌରାଙ୍ଗ ଏକ ମଟର ସାଇକେଲ ଗ୍ୟାରେଜ କରିଛନ୍ତି । ତାଙ୍କର ଆଉ ଜଣେ ଗ୍ୟାରେଜ ସହ ବ୍ୟବସାୟୀକ ଶତ୍ରୁତୁ ପ୍ରତୀଦ୍ୱନ୍ଦୀ ଭାବେ ରହିଥିଲା । ଗୌରାଙ୍ଗଙ୍କ ଗ୍ୟାରେଜରେ ମଦନ ବାରିକଙ୍କ ପୁଅ ହୃଷିକେଶ ବାଇକ ମେକାନିକ ଭାବେ କାମ କରେ । ରାତ୍ରୀରେ କେହି ଜଣେ ହୃଷିଙ୍କ ଫୋନକୁ କଲ କରି ପାଣିକୋଇଲି ଅମୃତିଆ ରାସ୍ତାର ଅମୃତିଆ ଠାରେ ତାଙ୍କ ବାଇକ ଖରାପ ହୋଇଛି ତୁରନ୍ତ ପହଂଚିବାକୁ କହିଥିଲେ । ହୃଷି କାମ କରିବାକୁ ତାଙ୍କ ଗ୍ୟାରେଜରେ କାମ ପାଇ ଦେଇଥିବା ଜଣେ ଶିକ୍ଷକଙ୍କ ବାଇକ( ଓଡି୩୪ଏଫ ୦୮୬୦)କୁ ଧରି ବାହାରିଥିଲେ । ହୃଷି ଫୋନ ପାଇ ବାଇକ କାମ କରିବାକୁ ଅମୃତିଆରେ ପହଂଚିଥିଲେ । ମାତ୍ର ସେଠାରେ କେହି ନଥିବାରୁ ହୃଷି ସେହି ନମ୍ବରକୁ ଫୋନ କରିଥିଲେ । ସେ ବର୍ତ୍ତମଣା ଗ୍ରାମ ପାଖରେ ଥିବା ସୂଚନା ଦେଇଥିଲେ । ହୃଷି ବର୍ତ୍ତମଣା ପାଖରେ ପହଂଚିବା କ୍ଷଣି ହଠାତ କିଛି ବ୍ୟକ୍ତି ସଙ୍ଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ । ମରଣାଙ୍କ ଆକ୍ରମଣରେ ଆହତ ହୋଇ ହୃଷି ଚିତ୍କାର କରୁଥିବା ବେଳେ ଦୃର୍ବୃତ୍ତ ମାନେ ତାଙ୍କ ନିକଟରେ ଥିବା ଟଙ୍କା ସହ ବାଇକଟିକୁ ନେଇ ପଳାଇଯାଇଥିଲେ । ରାସ୍ତା କଡରେ ସଙ୍କଟାପନ୍ନ ଭାବେ ପଡି ଚିତ୍କାର କରୁଥିବା ବେଳେ ସେହିବାଟ ଦେଇ ଯାଉଥିବା ଅନ୍ୟ ଏକ ବାଇକ ଆରୋହୀ ତାଙ୍କୁ ଉଦ୍ଧାର କରି ବୈତରଣୀରୋଡ ନେଇଥିଲେ । ଗ୍ୟାରେଜ ମାଲିକ ଗୌରାଙ୍ଗ କିଛି ବ୍ୟକ୍ତିଙ୍କ ସହାୟତାରେ ତାଙ୍କୁ ତୁରନ୍ତ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏନେଇ ବଜାର କମିଟି କର୍ମକର୍ତ୍ତା ଓ ସରପଂଚଙ୍କ ସହ ଆଲୋଚନା କରି ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ । ପାଣିକୋଇଲି ପୁଲିସ ଅଭିଯୋଗ ପାଇବା ପରେ ଏକ ମାମଲା ୧୦୪/୨୧ ରୁଜୁ କରିଥିଲା । ଥାନାଧିକାରୀ ଚକ୍ରପତି କହଁର ଏହି ଘଟଣାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏଏସଆଇ ଅମୀୟ ବେହେରାଙ୍କୁ ଦାୟିତ୍ୱ ଦେଇଥିଲେ । ଶ୍ରୀ ବେହେରା ମାମଲାର ତଦନ୍ତ କରି ଜଣେ ଅଭିଯୁକ୍ତଙ୍କ ସୁରାକ ପାଇବା ପରେ ରାତି ଅଧିଆ ଚଢାଉ କରିଥିଲେ । କୋରାଇ ଥାନା ବରୁଣ୍ଡାଇ ବାଗଡିଆ ଗ୍ରାମର ନଟବର ଯେନାଙ୍କ ପୁଅ ସଂଜୁ ଓରଫ ସଂଜୟ ଯେନା(୩୨)କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ମାମଲାର ତଦନ୍ତ ଜାରି ରଖିଥିଲେ ।

## ବିଦ୍ୟୁତ ଦରବୃଦ୍ଧି ପ୍ରତ୍ୟାହାର ଦାବିରେ କୋରାଇ କଂଗ୍ରେସ ପକ୍ଷରୁ ପାଣିକୋଇଲି ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ ଓ ବିକ୍ଷୋଭ

କୋରାଇ:ବର୍ଦ୍ଧିତ ବିଦ୍ୟୁତ୍ ଦରବୃଦ୍ଧି ପ୍ରତ୍ୟାହାର ଦାବିରେ କୋରାଇ କଂଗ୍ରେସ ପକ୍ଷରୁ ପାଣିକୋଇଲି ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏଥିସହିତ ରାଜ୍ୟପାଳଙ୍କ ଉଦ୍ଦ୍ୟେଶରେ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ମାଧ୍ୟମରେ ସ୍ମାରକ ପତ୍ର ପ୍ରଦାନ କରାଯଇଛି । ୨୦୧୬ ମସିହାର ବିମୁଦ୍ରାୟନ ପରେ ପରେ ମହାମାରୀ କରୋନା ହେତୁ ସବୁବର୍ଗ ବିଶେଷତଃ ମଧ୍ୟବିତ, ନିମ୍ନ ମଧ୍ୟବିତ, ଗରିବ, ଚାଷୀ ତଥା ବିଦ୍ୟୁତ ବ୍ୟବହାରକାରୀ ଅଣୁ, କ୍ଷୁଦ୍ର, ମଧ୍ୟମ, ଶିଳ୍ପାନୁଷ୍ଠାନର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି । ଯାହା ଦ୍ୱାରା କ୍ରୟ ଶକ୍ତି ହ୍ରାସ ପାଇଛି । ଏହି ସମୟରେ ବିଦ୍ୟୁତ ନିୟାମକ ଆୟୋଗ ବିଦ୍ୟୁତ୍ ଦେୟ ବୃଦ୍ଧି କରିଛନ୍ତି । ବିଶେଷତଃ ଟାଟା ବିଦ୍ୟୁତ ବିତରକ ସଂସ୍ଥାକୁ ବିତରଣ ଦାୟିତ୍ୱ ଦେବା ପରଠାରୁ ୨ଥରରେ ୟୁନିଟ ପିଛା ୫୦ ପଇସା ବୃଦ୍ଧି ପାଇଛି । ଓଡିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ ହୋଇଥିବା ସତ୍ତ୍ୱେ ବଦ୍ୟୁତ ଅମାଦାନୀ ୟୁନିଟ ପିଛା ୩୦ ପଇସା ଖର୍ଚ୍ଚ ହେଉଥିବା ବେଳେ ଉପଭୋକ୍ତାଙ୍କୁ ୟୁନିଟ ପିଛା ୫ ଟଙ୍କା ୬୦ ପଇସା ଦେବାକୁ ପଡୁଛି । ଏହାର ପ୍ରତିବାଦରେ କୋରାଇ କଂଗ୍ରେସ ପକ୍ଷରୁ ବିଦ୍ୟୁତ ଦର ପ୍ରତ୍ୟାହାର ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି । ଆଜି ୪ଘଂଟିଆ ବିକ୍ଷୋଭ ଓ ଧାରଣା ଅବସରରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା ଯୋଗଦେଇ ବିଦ୍ୟୁତ ଦରବୃଦ୍ଧି ପ୍ରତ୍ୟାହାର ନହେଲେ ରାଜ୍ୟବ୍ୟାପୀ ଏହି ଆନ୍ଦୋଳନକୁ ଗାଁରୁ ସହର ସବୁଆଡେ କରାଯିବା ପାଇଁ ଆହ୍ୱାନ ଦେଇଥିଲେ । ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଅତିଥିଭାବେ ପ୍ରମୋଦ ପରିଡା, ମଧୁସୂଦନ ସାହୁ, ଘନ୍ୟାମ ପଣ୍ଡା ପ୍ରମୁଖ ଯୋଗଦେଇଥିବା ବେଳେ ନିଳମଣି ଜେନା, ନିରଂଜନ ନାୟକ, ମାର୍କଣ୍ଡ ମିଶ୍ର, ଶଶିଭୂଷଣ ମାଝୀ, ପ୍ରଶନ୍ନ ସ୍ୱାଇଁ, ଶ୍ୟାମ ସୁନ୍ଦର ଜେନା, ପଙ୍କଜ ମଲିକ, ବଳରାମ ମଲିକ, ଶରତ ପଣ୍ଡା, ସୁନାକର ସାହୁ, ବସନ୍ତ ଜେନା, ପରିକ୍ଷିତ ମଲିକ, ନରହରି କୁଅଁର , ମୃତ୍ୟୁଂଜୟ ଦେବନାଥ, ପୁରସ୍ତମ ବିଶ୍ୱାଳ, ଅମୂଲ୍ୟ କୁମାର ରାଜ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଲୀଳାବତୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday April 08, 2021 ଭୁବନେଶ୍ୱର ଗୁରୁବାର, ଅପ୍ରେଲ ୦୮,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର ଦାବୀରେ ଜିଲ୍ଲା କଂଗ୍ରେସର ଧାରଣା ଓ ବିକ୍ଷୋଭ

କେନ୍ଦୁଝର: ଗତ ୨୦୧୬ ମସିହା ବିମୁଦ୍ରାୟନ ଓ ପରେ ପରେ ମହାମାରୀ କରୋନା ହେତୁ ସବୁ ବର୍ଗର ବିଶେଷତଃ ମଧ୍ୟବିତ, ନିମ୍ନ ମଧ୍ୟବିତ, ଗରିବ, ଚାଷୀ ଓ ବିଦ୍ୟୁତ୍ ବ୍ୟବହାରକାରୀ ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପାନୁଷ୍ଠାନର ଆର୍ଥିକ ଅବସ୍ଥା ଅତ୍ୟ' ଦୁର୍ବଳ ହେବା ସଙ୍ଗେ ସଙ୍ଗେ କ୍ରୟ ଶକ୍ତି ହ୍ରାସ ପାଇବାରେ ଲାଗିଛି । ଏଭଳି ଏକ ସମୟରେ ରାଜ୍ୟରେ ଥିବା ବିଦ୍ୟୁତ୍ ନିୟାମକ ଆୟୋଗ ବିଦ୍ୟୁତ୍ ଦେୟ ବୃଦ୍ଧି ଘଟାଇଛି । ଟାଟା ବିଦ୍ୟୁତ୍ ବିତରକ ସଂସ୍ଥା ବିତରଣ ଦାୟୀତ୍ୱ ନେବା ପରଠାରୁ ଗତ ୭ମାସ ମଧ୍ୟରେ ୫୦ ପଇସା ଦର ବୃଦ୍ଧି କରିଛନ୍ତି । ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହର ଦାବିରେ ଆଜି ଜିଲ୍ଲା କଂଗ୍ରେସ କମିଟି ତରଫରୁ ସଭାପତି ବିପ୍ଳବ ମିଶ୍ରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସ୍ଥାନୀୟ କଂଗ୍ରେସ ଭବନରୁ ବାହାରି ସହର ପରିକ୍ରମା କରି ବିଦ୍ୟୁତ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଶୋଭାଯାତ୍ରାରେ ମହିଳା କଂଗ୍ରେସ ସଭାନେତ୍ରୀ ସଙ୍ଗୀତା ସିଂ, ଯୁବ କଂଗ୍ରେସ ସଭାପତି ସୁନେଶ ଧିର, ଟାଉନ୍ କଂଗ୍ରେସର ପୂର୍ବତନ ସଭାପତି ବସନ୍ତ ଦାସ, ସଦର ବ୍ଲକ କଂଗ୍ରେସ ସଭାପତି ଉତ୍ତମ କୁମାର ସାହୁ, ପିସିସିର ପୂର୍ବତନ ସଂଯୋଜକ ସଂଗ୍ରାମ ଦାସ, ବରିଷ୍ଠ କଂଗ୍ରେସ ନେତା ପୟୋଧର ବେହେରା, ରତ୍ନାକର ଜେନା, ଲଳିତ ମୋହନ ନାୟକ, କବିନ୍ଦ୍ର ସାହୁ, ଦେବାଶିଷ ସାହୁ, ଫନି ଦାସ, ଆର୍ତ୍ତ ଦାସ, ଡମ୍ବରୁ ମହାନ୍ତ, ରାଜୁ ୱାସିମ୍, ଲକ୍ଷ୍ମଣ ନାଏକ, ସବିତା ସାହୁ, ଛାତ୍ର କଂଗ୍ରେସ ସଂଯୋଜକ ଶୁଭମ୍ ରାଜ, ସୋମ୍ୟରଂଜନ ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ । ଜିଲ୍ଲା ସଭାପତି ବିପ୍ଳବ ମିଶ୍ର ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ ଓଡିଶା ଏକ ବିଦ୍ୟୁତ୍ ଆମଦାନୀକାରୀ ରାଜ୍ୟ ଭାବେ ପରିଚିତ । ଏଠାରେ କୋଇଲା ଓ ପାଣି ଶସ୍ତା ଓ ସୁବିଧାରେ ମିଳିଥାଏ । ଜଳ ବିଦ୍ୟୁତ୍ ଉତ୍ପାଦନ ଖର୍ଚ୍ଚ ଖୁବ୍ କମ୍ ହୋଇଥିବାରୁ ସମସ୍ତ ବିଦ୍ୟୁତ୍ ଉତ୍ପାଦନର କ୍ରୟ ୟୁନିଟ୍ ପିଛା ୩୦ପଇସା ପଡିଥାଏ । ଅଥଚ ଉପଭୋକ୍ତାମାନଙ୍କୁ ବିଦ୍ୟୁକ୍ ଶୁଳ୍କ, ବିଦ୍ୟୁତ୍ ମିଶାଇ ୨୦୦ୟୁନିଟ୍ ବ୍ୟବହାର କରୁଥିବା ପ୍ରତ୍ୟେକ ଉପଭୋକ୍ତା ୟୁନିଟ୍ ପିଛା ଟ.୫.୭୦ପଇସା ଓ ୪୦୦ୟୁନିଟ୍ ବା ତଦୁର୍ଦ୍ଧ ବିଦ୍ୟୁତ୍ ବ୍ୟବହାର ପାଇଁ ୟୁନିଟ୍ ପିଛା ଟ.୬.୯୦ପଇସା ଦେବାକୁ ପଡୁଛି । ଏହା ପ୍ରତ୍ୟେକ ଉପଭୋକ୍ତାଙ୍କ ପାଇଁ ଅତ୍ୟନ୍ତ ଅସହ୍ୟ । ବିଦ୍ୟୁତ୍ ଦର ହ୍ରାସ ନହେଲେ। ପର୍ଯ୍ୟନ୍ତ କଂଗ୍ରେସ ତାର ଆନ୍ଦୋଳନ ଚାଲୁ ରଖିବ ।

## ଯାଜପୁର ନଗର କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବୀପତ୍ର



ଯାଜପୁର: ଯାଜପୁର ପୌରପାଳିକାର ବିଭିନ୍ନ ଅସୁବିଧା ସମ୍ପର୍କରେ ନଗର କଂଗ୍ରେସର ସଭାପତି ନାରାୟଣ ସାମନ୍ତଙ୍କ ଅଧ୍ୟକ୍ଷତାରେ ଏକ ଦାବୀପତ୍ର ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପ୍ରଦାନ କରାଯାଇଥିଲା । ଯାଜପୁର ପୌରପାଳିକା ତରଫରୁ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ସାଧାରଣ ଅଧିବାସୀ, କ୍ଷୁଦ୍ର ଅଧିବାସୀ ଓ ବଡ଼ ବ୍ୟବସାୟୀଙ୍କଠାରୁ ୟୁଜର୍ସ ଫି' ଆଦାୟ, ନୂତନ ପାଣି ପାଇପ୍ ବିଛାଇବା ନିମନ୍ତେ କଂକ୍ରିଟ୍ ରାସ୍ତାକୁ ହାଣିବା ପରେ ତାକୁ ତୁରନ୍ତ ମରାମତି ନକରିବା ଦ୍ୱାରା ଗମନାଗମନରେ ଅସୁବିଧା, ଡ୍ରେନ୍‌ରେ ମଶା ତେଲ ଦୀର୍ଘଦିନ ଧରି ନପକାଇବା ଦ୍ୱାରା ସନ୍ଧ୍ୟାହେଲେ ମଶାମାନଙ୍କର ପାର୍ଦୁଭାବ, କରୋନାର ଦ୍ୱିତୀୟ ଲହରୀ ଯୋଗୁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ମ୍ୟୁନିସିପାଲିଟିର ରାସ୍ତାଘାଟକୁ ବିଶୋଧନ କରାଯିବା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ କଂଗ୍ରେସ ନେତା ସନ୍ତୋଷ କୁମାର ନନ୍ଦ, ଜିଲ୍ଲା କଂଗ୍ରେସ ଉପସଭାପତି ବିଭୂତି ଭୂଷଣ ମହାପାତ୍ର, ସାଧାରଣ ସମ୍ପାଦକ ହୃଷିକେଶ ପତି, ଦଳିତ କଂଗ୍ରେସ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, ନଗର କଂଗ୍ରେସ ଉପସଭାପତି ଆଡ଼ଭୋକେଟ୍ ଗୋବିନ୍ଦ ଚନ୍ଦ୍ର ସାହୁ, ନଗର କଂଗ୍ରେସ ଉପସଭାପତି ନିକୁଞ୍ଜ ସାମଲ, କାର୍ଯ୍ୟାଳୟ ସମ୍ପାଦକ ବିଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସ୍କୁଲ ପଡ଼ିଆରେ ନିର୍ମିତ ଷ୍ଟାଡ଼ିୟମକୁ ସ୍ୱାଧୀନତା ସଂଗ୍ରାମୀ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଯାଜପୁରର ବରପୁତ୍ର ବ୍ରଜସୁନ୍ଦର ଦାସଙ୍କ ନାମରେ ନାମିତ କରିବାକୁ ମଧ୍ୟ ଆଲୋଚନା କରାଯାଇଥିଲା ଏବଂ ଦାବୀପତ୍ର ପ୍ରଦାନ କରାଯାଇଥିଲା ।

## କେନ୍ଦୁଝର ଜିଲ୍ଲାରେ ସିମେଣ୍ଟ ଲୋଡିଂରେ ଖାଉଟି ଶୋଷିତ, ଅଧିକ ମୂଲ୍ୟ ପାଇଁ ଶ୍ରମିକଙ୍କ ଜିଦ୍, ବ୍ୟବସାୟୀ ସଂଘ କହିଲା-ଖାଉଟି ଚାପରେ ପଡିବେ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ ଘର ଖଣ୍ଡିଏ କରୁଥିବା ବ୍ୟକ୍ତି ସିମେଣ୍ଟ ଲୋଡିଂ ଓ ଅନଲୋଡିଂରେ ବ୍ୟାପକ ଶୋଷଣର ଶିକାର ହେଉଥିବାବେଳେ ଅଧିକ ମୂଲ୍ୟ ନେବା ପାଇଁ କିଛି ଶ୍ରମିକ ଗତ ଦୁଇଦିନ ହେବ ଆନ୍ଦୋଳନ ଚଳାଇଥିବାବେଳେ ଏହାର ଉପଯୁକ୍ତ ପଦକ୍ଷେପ ଗ୍ରହଣ ପାଇଁ ବ୍ୟବସାୟୀ ସଂଘ ଦାବୀ କରିଛନ୍ତି । ରାଜ୍ୟର ଅନ୍ୟାନ୍ୟ ସହରମାନଙ୍କରେ ଶ୍ରମିକମାନେ ପାଉଥିବା ପାଉଣା ଏବଂ କେନ୍ଦୁଝର ଶ୍ରମିକମାନଙ୍କର ପାଉଣା ସମ୍ପର୍କରେ ତୁଳନାତ୍ମକ ତଥ୍ୟ ପ୍ରଦାନ କରିଛନ୍ତି । ଶ୍ରମିକମାନଙ୍କର ଦାବୀ ଅଯୌକ୍ତିକ ଏବଂ ଏହା ଦ୍ୱାରା ସିଧାସଳଖ ଖାଉଟିମାନେ ପ୍ରଭାବିତ ହେବେ ବୋଲି ବ୍ୟବସାୟୀ ସଂଘ ପ୍ରକାଶ କରିଛି । ରାଉରକେଲା ସହରରେ ସିମେଣ୍ଟ ଲୋଡିଂ ଓ ଅନଲୋଡିଂ କଲେ ବସ୍ତା ପିଛା ଶ୍ରମିକମାନେ ୧ଟଙ୍କା ୭୫ ପଇସା,ଝାରସୁଗୁଡାରେ ୨ଟଙ୍କା ୫୦ପଇସା, ବ୍ରହ୍ମପୁରରେ ୩ ଟଙ୍କା,ସମ୍ବଲପୁରରେ ୨ଟଙ୍କା ୫୦ପଇସା, ଭଦ୍ରକରେ ୩ ଟଙ୍କା ଏବଂ ଭୁବନେଶ୍ୱରରେ ୩ଟଙ୍କା ଦିଆଯାଉଥିବାବେଳେ କେନ୍ଦୁଝର ସଦର ମହକୁମାରେ ବସ୍ତା ପିଛା ୩ ଟଙ୍କା ଓ ଅତିରିକ୍ତ ୧ ଟଙ୍କା ଏପରି ମୋଟ ୪ ଟଙ୍କା ପାଉଥିବା କଥା ବ୍ୟବସାୟୀ ସଂଘ ଲିଖିତ ଭାବେ ଜଣାଇଛନ୍ତି । ସଂପ୍ରତି କରୋନା ମହାମାରୀ ସମୟରେ ସାଧାରଣ ଲୋକଙ୍କର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବାବେଳେ ଏବେ ଶ୍ରମିକମାନେ ପାଉଣା ବୃଦ୍ଧି କରିବା ବ୍ୟବସାୟୀଙ୍କ ପକ୍ଷରେ ସମୀଚିନ ନୁହେଁ, କାହିଁକି ନା ଏହା ସିଧାସଳଖ ଖାଉଟିଙ୍କ ପକେଟରୁ ଯିବ ବୋଲି ବ୍ୟବସାୟୀ ସଂଘ ପ୍ରକାଶ କରିଛି । ଏଥିରେ ଶ୍ରମିକଙ୍କ ନାମରେ କିଛି ମୁଷ୍ଟିମେୟ ବ୍ୟକ୍ତି ଫାଇଦା ନେବା ସହ ଶ୍ରମିକଙ୍କ ନାମରେ ଜୁଲୁମ କରୁଛନ୍ତି ବୋଲି ବ୍ୟବସାୟୀ ସଂଘ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ମା' ତାରିଣୀ ଶ୍ରମିକ ସଂଗଠନ ନାମରେ ଶ୍ରମିକମାନେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେମାନଙ୍କର ପାଉଣା ବୃଦ୍ଧି କରିବା ପାଇଁ ଦାବୀ କରିଛନ୍ତି । ସେମାନେ ଏକ ଦାବୀ ପତ୍ର ପ୍ରଦାନ କରି ଉଲ୍ଲେଖ କରିଛନ୍ତି ଯେ, ଗତ ଦୁଇ ତିନି ବର୍ଷ ହେବ ସେମାନଙ୍କର ପାରିଶ୍ରମିକ ବଢ଼ି ନ ଥିବାବେଳେ ଏହାକୁ ୫ଟଙ୍କା କରିବାକୁ ହେବ । ଏହି ପରିସ୍ଥିତିରେ ଖାଉଟିମାନେ ସିଧାସଳଖ ପ୍ରଭାବିତ ହେବାର ଆଶଙ୍କା ଥିବାବେଳେ କିଛି ଶ୍ରମିକ ଗତ ତିନିଦିନ ହେବ ଲୋଡିଂ ଅନଲୋଡିଂକୁ ବନ୍ଦ ରଖିଥିବା ଜଣାପଡିଛି ।

## କ୍ଲିନ୍ ପକ୍ଷରୁ ଜନସଚେତନତା ସୃଷ୍ଟି ଏବଂ ଉତ୍ପାଦିତ ଦ୍ରବ୍ୟ ପ୍ରଦର୍ଶନ ଶୀର୍ଷକ କର୍ମଶାଳା

ଭୁବନେଶ୍ୱର : କ୍ଲିନ୍ ପକ୍ଷରୁ ଜନସଚେତନତା ସୃଷ୍ଟି ଓ ଉତ୍ପନ୍ନ ଦ୍ରବ୍ୟ ପ୍ରଦର୍ଶନ ଶୀର୍ଷକ କର୍ମଶାଳା ଇସ୍କନ୍ ମନ୍ଦିର ନିକଟସ୍ଥ ହୋଟେଲ୍ ପ୍ରେସିଡେନ୍‌ସିର ସମ୍ମିଳନୀ କକ୍ଷ ଖାରବେଳ ଦରବାରରେ ଆସନ୍ତାକାଲି ଗୁରୁବାର ଦିବା ୧୦ଘଟିକା ସମୟରେ ଆୟୋଜିତ ହେବ । ଉକ୍ତ କର୍ମଶାଳାରେ କ୍ଲିନ୍‌ର ବୋର୍ଡ ମେମ୍ବର ସ୍ୱାଗତ ଭାଷଣ ଦେବେ । ଏହାପରେ କ୍ଲିନ୍ ତରଫରୁ ଉତ୍ପାଦ ଦ୍ରବ୍ୟ ଉପରେ ଏକ ପାୱାର୍ ପଏନ୍‌ଟ ପ୍ରେଜେନ୍‌ଟେସନ୍ କରାଯିବ । କ୍ଲିନ୍‌ର ଉତ୍ପାଦ ଦ୍ରବ୍ୟର ଟେକ୍ନୋଲୋଜିକାଲ୍ ବିବରଣୀ ପ୍ରଦାନ କରାଯିବା ସହ ଉତ୍ପାଦଗୁଡିକର ପ୍ରଦର୍ଶନ କରାଯିବ । ଏତଦ୍ ବ୍ୟତୀତ ଡିଆରଇର ଲାଟେଷ୍ଟ ପଲିସି ଓ ସ୍କିମ୍ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହ ଡିମାଣ୍ଡ ମ୍ୟାପିଙ୍ଗ୍ କରାଯିବାକୁ ସ୍ଥିର କରାଯାଇଛି । ତେଣୁ ସମସ୍ତ ଉଦ୍ୟୋକ୍ତା ଓ କ୍ଲିନ୍ ମେମ୍ବରମାନଙ୍କୁ ଅନୁରୋଧ ସମସ୍ତେ ଆସନ୍ତାକାଲି ଉପରୋକ୍ତ କର୍ମଶାଳାରେ ଯୋଗ ଦେବାକୁ ରାଜେଶ୍ୱରୀ ଜୟସ୍ୱାଲ୍ ଓ ଡାଭିଡ୍ ଦୁରାନି ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଅନୁରୋଧ କରିଛନ୍ତି ।

## କେନ୍ଦ୍ରାପଡା ଜିଲ୍ଲା ବିଜେପି ପକ୍ଷରୁ ଡଃ. କଳ୍ପନା ମଲ୍ଲିକଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡା: କେନ୍ଦ୍ରାପଡା ଜିଲ୍ଲା ବିଜେପିର ଜଣେ ଆଗଧାଡିର ନାରୀନେତ୍ରୀ ଡଃ. କଳ୍ପନା ମଲ୍ଲିକ ରାଷ୍ଟ୍ରୀୟ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚାର ସଦସ୍ୟା ଭାବରେ ଚୟନ କରାଯାଇଛି । ଡଃ. ମଲ୍ଲିକ ପ୍ରଥମ ନାରୀନେତ୍ରୀ ଭାବେ ଏଭଳି ପଦ ପାଇଥିବାରୁ ତାଙ୍କୁ ସାରା ରାଜ୍ୟରୁ ଶୁଭେଚ୍ଛାର ସୁଅ ଛୁଟିଛି । ଏହି ଅବସରରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗାଙ୍ଗପଡା ପଞ୍ଚାୟତର ସାହୁ ମଣ୍ଡପ ପରିସରରେ ପଥରକଣୀ ମଣ୍ଡଳ ପକ୍ଷରୁ ଡଃ. ମଲ୍ଲିକଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ଦେବାଶିଷ ଦାସ, ଦେବବ୍ରତ ଚୌଧୁରୀ, ସନ୍ତୋଷ କୁମାର ଜେନା, ଅନୁସୂଚିତ ଜାତି ମୋର୍ଚ୍ଚାର ପୂର୍ବତନ ସଭାପତି ମାଧବାନନ୍ଦ ମଳିକ, ରଞ୍ଜନ କୁମାର ସାହୁ, ପଥରକଣୀ ମଣ୍ଡଳ ସଭାପତି ଦୟାନିଧି ବଳ, କେନ୍ଦ୍ରାପଡା ନଗର ସଭାପତି ଦିଲ୍ଲିପ କୁମାର ଦାଶ ପ୍ରମୁଖ ଯୋଗଦେଇ ନବ ନିଯୁକ୍ତ ରାଷ୍ଟ୍ରୀୟ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚାର ସଦସ୍ୟା ଡଃ. ମଲ୍ଲିକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଡଃ. ମଲ୍ଲିକ ତାଙ୍କ ବକ୍ତବ୍ୟରେ ଆଗାମି ଦିନରେ ଦଳ ପାଇଁ ଅଧିକ କାମକରିବାକୁ ଏବଂ ମୁଖ୍ୟତଃ ଅନୁସୂଚିତ ଜାତି ମୋର୍ଚ୍ଚାର ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି । ଏଥିପାଇଁ ସେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୀକ୍ରମ ଖଣ୍ଡାଇ, ଗୌରାଙ୍ଗ ପାତ୍ର, କୀର୍ତ୍ତିମାନ ସାହୁ, ମନୋସ୍ୱିନୀ ଜେନା, ବବିତା ପ୍ରଧାନ, ଦେବ ପ୍ରସାଦ ଭଳ, ଦେବେନ୍ଦ୍ର ସାହୁ, ଚନ୍ଦ୍ର ଶେଖର ସ୍ୱାଇଁ, ତପନ ମଳିକ, ବୈରାଗୀ ଜେନା, ଅନନ୍ତ ମଳିକ, ବିଦ୍ୟାଧର ଜେନା, ଦେବେନ୍ଦ୍ର ମଳିକ, ପ୍ରତାପ ପାତ୍ର, ମାନସରଞ୍ଜନ ସାହୁ, ରଞ୍ଜନ କୁମାର ମଲ୍ଲିକ, ଚନ୍ଦ୍ର ଶେଖର ପରିଡା, ଶେଷଦେବ ପ୍ରଧାନ, ମାଧବ ମଲ୍ଲିକଙ୍କ ସମେତ ଦଳର ବହୁ କର୍ମକର୍ତ୍ତା ଡଃ. ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

## କରୋନା କଟକଣା ନିୟମ ଉଲ୍ଲଙ୍ଘନ, ଦୋକାନ ସିଲ

ଯୋଡା: ଭାରତବର୍ଷରେ ବିଭିନ୍ନ ରାଜ୍ୟରେ କରୋନା ପୁଣି ନିଜର କାୟା ମେଲେଇବାରୁ କରୋନା କଟକଣାକୁ କଠୋର କରାଯିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଦେଶର ବିଭିନ୍ନ ରାଜ୍ୟରେ କରୋନା ଟୀକାକରଣ ଅଭିଯାନ ଚାଲୁ ରହିଥିଲେ ମଧ୍ୟ କରୋନା ଭାଇରସ ମହାରାଷ୍ଟ୍ର ତଥା ଅନ୍ୟ କେତେକ ରାଜ୍ୟରେ ବହୁସଂଖ୍ୟାରେ ଚିହ୍ନଟ ହୋଇଥିବାରୁ ଓଡିଶା ଲୋକଙ୍କ ମଧ୍ୟରେ ଛାନିଆ ଦେଖାଦେଇଛି । ଯାହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ କରୋନା କଟକଣାକୁ କଠୋର କରାଯାଇଛି । ଏହି ପରିପ୍ରେକ୍ଷୀରେ ଯୋଡା ପୌର ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବା ସହିତ ଜନସଚେତନତା ଆରମ୍ଭ କରିଥିବା ବେଳେ କରୋନା କଟକଣା ଉଲ୍ଲଘଂନକରୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଦେଖାଯାଇଛି । ସାଧାରଣରେ କରୋନା ଏବେ ପୁଣି ଫେରିବାର ଭୟ ସଞ୍ଚାର ହୋଇଥିବା ବେଳେ ଯୋଡା ଅଞ୍ଚଳରେ ବହୁ ସ୍ଥାନରେ କଟକଣାକୁ ଲୋକେ କେହି ମାନୁନଥିବା ଦେଖାଯାଇଛି । ମାସ୍କ ପରିଧାନ କରିବା,ସାମାଜିକ ଦୂରତ୍ୱ ରଖିବା,ହାତଧୁଆ ଆଦି କାର୍ଯ୍ୟ କରାଯାଉନଥିବା ଦେଖାଯାଇଛି । ଅଞ୍ଚଳର ବିଭିନ୍ନ ରାସ୍ତାଘାଟରେ ଯାତାୟତ କରୁଥିବା ଲୋକେ ବିଭିନ୍ନ ହାଟବଜାର ଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ଲୋକମାନଙ୍କ ମୁହଁରେ ପ୍ରାୟତଃ ମାସ୍କ ରହୁନାହିଁ । ସାମାଜିକ ଦୂରତ୍ୱକୁ ମଧ୍ୟ ଲୋକେ ଭୁଲିଗଲେଣି । କରୋନା କଟକଣା ନିୟମ ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଯୋଡା ପୌରପାଳିକା ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ,ବଡବିଲ ଅତିରିକ୍ତ ତହସିଲଦାର ଲଳିତ ନାଏକ,ପୌର କର୍ମଚାରୀ ଓ ପୋଲିସଙ୍କ ଉପସ୍ଥିତିରେ ଯୋଡା ସହରାଞ୍ଚଳର ବସଷ୍ଟାଣ୍ଡ ଠାରେ ଗୋଟିଏ ମୋବାଇଲ ଦୋକାନ,ଗୋଟିଏ ଜଳଖିଆ ଦୋକାନ ଓ ଗୋଟିଏ ସେଲୁନକୁ ସିଲ କରିଥିବା ଖବର ହସ୍ତଗତ ହୋଇଛି । ଖବର ଲେଖାହେବା ପର୍ଯ୍ୟ' ପୌର ଯୋଡା:୦୭/୦୪:(ଆ.ପ୍ର.)

ଭାରତବର୍ଷରେ ବିଭିନ୍ନ ରାଜ୍ୟରେ କରୋନା ପୁଣି ନିଜର କାୟା ମେଲେଇବାରୁ କରୋନା କଟକଣାକୁ କଠୋର କରାଯିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଦେଶର ବିଭିନ୍ନ ରାଜ୍ୟରେ କରୋନା ଟୀକାକରଣ ଅଭିଯାନ ଚାଲୁ ରହିଥିଲେ ମଧ୍ୟ କରୋନା ଭାଇରସ ମହାରାଷ୍ଟ୍ର ତଥା ଅନ୍ୟ କେତେକ ରାଜ୍ୟରେ ବହୁସଂଖ୍ୟାରେ ଚିହ୍ନଟ ହୋଇଥିବାରୁ ଓଡିଶା ଲୋକଙ୍କ ମଧ୍ୟରେ ଛାନିଆ ଦେଖାଦେଇଛି । ଯାହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ କରୋନା କଟକଣାକୁ କଠୋର କରାଯାଇଛି । ଏହି ପରିପ୍ରେକ୍ଷୀରେ ଯୋଡା ପୌର ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବା ସହିତ ଜନସଚେତନତା ଆରମ୍ଭ କରିଥିବା ବେଳେ କରୋନା କଟକଣା ଉଲ୍ଲଘଂନକରୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଦେଖାଯାଇଛି । ସାଧାରଣରେ କରୋନା ଏବେ ପୁଣି ଫେରିବାର ଭୟ ସଞ୍ଚାର ହୋଇଥିବା ବେଳେ ଯୋଡା ଅଞ୍ଚଳରେ ବହୁ ସ୍ଥାନରେ କଟକଣାକୁ ଲୋକେ କେହି ମାନୁନଥିବା ଦେଖାଯାଇଛି । ମାସ୍କ ପରିଧାନ କରିବା,ସାମାଜିକ ଦୂରତ୍ୱ ରଖିବା,ହାତଧୁଆ ଆଦି କାର୍ଯ୍ୟ କରାଯାଉନଥିବା ଦେଖାଯାଇଛି । ଅଞ୍ଚଳର ବିଭିନ୍ନ ରାସ୍ତାଘାଟରେ ଯାତାୟତ କରୁଥିବା ଲୋକେ ବିଭିନ୍ନ ହାଟବଜାର ଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ଲୋକମାନଙ୍କ ମୁହଁରେ ପ୍ରାୟତଃ ମାସ୍କ ରହୁନାହିଁ । ସାମାଜିକ ଦୂରତ୍ୱକୁ ମଧ୍ୟ ଲୋକେ ଭୁଲିଗଲେଣି । କରୋନା କଟକଣା ନିୟମ ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଯୋଡା ପୌରପାଳିକା ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ,ବଡବିଲ ଅତିରିକ୍ତ ତହସିଲଦାର ଲଳିତ ନାଏକ,ପୌର କର୍ମଚାରୀ ଓ ପୋଲିସଙ୍କ ଉପସ୍ଥିତିରେ ଯୋଡା ସହରାଞ୍ଚଳର ବସଷ୍ଟାଣ୍ଡ ଠାରେ ଗୋଟିଏ ମୋବାଇଲ ଦୋକାନ, ଗୋଟିଏ ଜଳଖିଆ ଦୋକାନ ଓ ଗୋଟିଏ ସେଲୁନକୁ ସିଲ କରିଥିବା ଖବର ହସ୍ତଗତ ହୋଇଛି । ଖବର ଲେଖାହେବା ପର୍ଯ୍ୟ' ପୌର ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଯୋଡା ସହରାଞ୍ଚଳର ବିଭିନ୍ନ ଦୋକାନକୁ ଚେକିଂ କରୁଥିବା ଖବର ମିଳିଛି ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray